# ଯାଜପୁର ଜିଲ୍ଲାରେ ଧର୍ମଘଟର ପ୍ରଭାବ

# ରାସ୍ତାରେ ବସିଲେ ଆନ୍ଦୋଳନକାରୀ, ଗାଡ଼ିମୋଟର ବନ୍ଦ







ଯାଜପୁର,୧୨ ।୨(ସମିସ):

୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେସନର ମିଳିତ ଆହ୍ୱାନରେ ଦେଶବ୍ୟାପି ସାଧାରଣ ଧର୍ମଘଟ ସମର୍ଥନରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ସହରରେ ରାସ୍ତାରୋକ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସକାଳ ୭ ଘଟିକା ସମୟରୁ ଦଳର ନେତା ଓ କର୍ମୀ ହାତରେ ବ୍ୟାନର, ପ୍ଲାକାର୍ଡ ଧରି ମେଡିକାଲ ଛକଠାରେ ଦୀର୍ଘସମୟ ଧରି ରାସ୍ତା ଅବରୋଧ କରିଥିଲେ । ଫଳରେ ଗାଡ଼ିମୋଟର ଗଡ଼ିପାରିନଥିଲା । ଶ୍ରମିକ ସ୍ୱାର୍ଥ ବିରୋଧି ୪ଟି ଶ୍ରମ କୋଡକୁ ବାତିଲ କରିବା, ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୫ କୁ ପ୍ରତ୍ୟାହାର କରିବା, ରାଷ୍ଟ୍ରୀୟ ଉଦ୍ୟୋଗ ଓ ସରକାରୀ କ୍ଷେତ୍ରରେ ଘରୋଇକରଣ ବନ୍ଦ କରିବା, ଅତ୍ୟାବଶ୍ୟକ ଜିନିଷ ପତ୍ରରର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଇତ୍ୟାଦି ଦାବି ନେଇ ଆନ୍ଦୋଳନକାରୀ ମେଡିକାଲ ଛକରୁ ବାହାରି ଗାନ୍ଧିଛକ, ଥାନା ଛକ, ବସ୍ ଷ୍ଟାଣ୍ଡ ପ୍ରଭୃତି ସହର ପରିକ୍ରମା କରିଥିଲେ । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ତଥା ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଏବଂ ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନ, ସୁବାସ ମଲ୍ଲିକ, ଜିଲ୍ଲା କମିଟି ସଭ୍ୟ ବୀର କିଶୋର ନାୟକ, ରାଧାବଲ୍ଲଭ ମଲ୍ଲିକ, ସୁଲୋଚନା ପ୍ରଧାନ, ତରଙ୍ଗିନୀ ଦାସ, ଅଭିମନ୍ୟୁ ଦାସ, ଅକ୍ଷୟ ପଣ୍ଡା, ଚୈତନ୍ୟ ମହାରଣା, ସଂଗଠକ ଲବଙ୍ଗଲତା ଜେନା, ମାଧବୀ ମଲ୍ଲିକ, ରାଜକିଶୋର ନାଥ, ରାଜଶ୍ରୀ ମହାନ୍ତି, ଘନଶ୍ୟାମ ପରିଡ଼ା, ପ୍ରମୋଦ ମଲ୍ଲିକ, ବିଷ୍ଣୁ ବେହେରା, ନାରାୟଣ ମଲ୍ଲିକ, ମଧୁ ସେଠୀ, ନିଗମାନନ୍ଦ ଦାସ, ବିଶ୍ୱନାଥ ସାହୁ, ବିନୋଦ ବିହାରୀ ସାହୁ ପ୍ରଭୃତି ଏଥିରେ ସାମିଲଥିଲେ । ଜନସାଧାରଣ ଅକୁଣ୍ଠ ସମର୍ଥନ ଓ ସାହାଯ୍ୟକରି ଧର୍ମଘଟକୁ ସଫଳ କରିଥିବାରୁ ପାର୍ଟି ପକ୍ଷରୁ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ଦୁର୍ବାର ସଚେତନ ସଂଗଠିତ ଆନ୍ଦୋଳନ ଗଢ଼ିତୋଳିବାକୁ ନିବେଦନ କରିଛନ୍ତି । ସେହିପରି ରାଷ୍ଟ୍ରୀୟ ମଜ୍‌ଦୁର କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଆହ୍ୱାନ କ୍ରମେ ଯାଜପୁରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇଏନ୍‌ଟିୟୁସିର ବରିଷ୍ଠ ନେତା ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଶତାଧିକ କର୍ମୀ ଓ ନେତୃବୃନ୍ଦଙ୍କ ସହଯୋଗରେ ଧାରଣା ଓ ବିକ୍ଷୋଭ ସହ ବନ୍ଦ ପାଳନ କରାଯାଇଥିଲା ।

ଏହି ଅବସରରେ ଆଇଏନ୍‌ଟିୟୁସିର ସମସ୍ତ କର୍ମକର୍ତ୍ତା ଓ କଂଗ୍ରେସର ନେତୃମଣ୍ଡଳୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ସହିତ ବିଭିନ୍ନ ଛକ ମାନଙ୍କରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବନ୍ଦ ପାଳନ ସମୟରେ ନାରାୟଣ ଚନ୍ଦ୍ର ସାମନ୍ତ, ଗଦାଧର ଦାସ, ନିରଞ୍ଜନ ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ଭାସ୍କର ମହାନ୍ତି, ଦିଲ୍ଲୀପ ଦାଶ, ନିକୁଞ୍ଜ ସାମଲ, ମାନସ ପଣ୍ଡା, ଅବ୍ଦୁଲ୍ ରୋପ୍, ଗୋବିନ୍ଦ ସାହୁ, ହୃଷିକେଶ ପତି, ବିଭୂତି ମହାପାତ୍ର, ଅକ୍ଷୟ ଶତପଥୀ, ପ୍ରମୋଦ ସାହୁ, ବିଜୟ ମହାପାତ୍ର, ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ଯଯାତି ନାୟକ, ସଂଗ୍ରାମ ସାହାଣୀ ପ୍ରମୁଖ ସାମିଲ ହୋଇଥିଲେ ।

**ପାଣିକୋଇଲି:** ପାଣିକୋଇଲିରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ସିଆଇଟିୟୁ, ଏଆଇୟୁଟିୟୁସି, ଆଇଏନଟିୟୁସି, ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଏମ୍‌ର ସାଥି ଓ ସମର୍ଥକ ମାନେ ରାସ୍ତାରେ ବସି ରହିବାରୁ ଯାତାୟତ ଠପ ହୋଇଥିଲା । ବ୍ୟାଙ୍କ, ପୋଷ୍ଟ ଅଫିସ ଓ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ଆନ୍ଦୋଳନକାରୀ ମାନେ ବନ୍ଦ କରିଦେଇଥିଲେ । ଡାକ୍ତର ନିର୍ମଳ ରଥ, ଗଣେଶ ସାହୁ, ସୁରେଶ ସାହୁ, ଅଭୟ ଓଝା, ପ୍ରମୋଦ ସାହୁ, ସୁରେଶ କୁମାର ସାହୁ, ସିପିଆଇ ପକ୍ଷରୁ ଆଲୋକ ମାହାନ୍ତି, କୀର୍ତ୍ତନ ସେଠୀ, ଜାତୀୟ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ହରେକୃଷ୍ଣ ସାହୁ, ମଧୁସୂଦନ ସାହୁ, ଯୁବନେତା ରାକେଶ ସାହୁ, ଅରୁପାନନ୍ଦ ମଲ୍ଲିକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

### ମଙ୍ଗଳପୁର

ଦଶରଥପୁର ବ୍ଲକରେ ମଧ ଭାରତ ବନ୍ଦର ମିଶ୍ରିତ ପ୍ରଭାବ ଦେଖିବା ପାଇଁ ମିଳିଥିଲା । ମଙ୍ଗଳପୁର ବଜାରରେ ବିଞ୍ଝାରପୁର ନିର୍ବାଚନ



ମଣ୍ଡଳୀ କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ଦେବେନ୍ଦ୍ର ପଣ୍ଡା, ଶ୍ୟାମ ସୁନ୍ଦର କର, ସାଗର ରଞ୍ଜନ ପରିଡା, ଘନଶ୍ୟାମ ସାହୁ, ସିପିଆଇ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ମଳୟ କୁମାର ପଣ୍ଡା, ଦୁର୍ଯ୍ୟୋଧନ ବାରିକ, କଂଗ୍ରେସ ଯୁବନେତା ଚନ୍ଦ୍ରଶେଖର ସାହୁ, ଶେଖର ସମ୍ବିତ ଧଳ, ସୌମ୍ୟ ରଞ୍ଜନ ବେହେରା, ଅକ୍ଷୟ କୁମାର ନାୟକ, ଅଭୟ କୁମାର ପଣ୍ଡା, ସନାତନ ତ୍ରିପାଠୀ, ବିଜୟ ନାୟକ, ଅମୂଲ୍ୟ ସାମଲ, କାଳନ୍ଦୀ ମଲ୍ଲିକ, ରମେଶ ବେହୁରିଆ, ବିଷ୍ଣୁ ଚରଣ ଦାସ, ଚୌଧୁରୀ ଯେନାଙ୍କ ସମେତ ବହୁ ଲୋକେ ଏହି ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

### କବାଟବନ୍ଧ

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ମନୋଜ ସେଠୀଙ୍କ




ସଭାପତିତ୍ୱରେ ଆନ୍ଦୋଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ମଲ୍ଲ, ନାରାୟଣ ପରିଡ଼ା, ପବିତ୍ର ସାହୁ, ସନ୍ତୋଷ ଲେଙ୍କା ଓ ରମ୍ଭା ରଣା ପ୍ରମୁଖ ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରି ବକ୍ତବ୍ୟ ରଖିଥିଲେ ।

### କୟାଁଗୋଲା

ମଙ୍ଗଳପୁର ଠାରେ ଭାରତୀୟ କମ୍ୟୁନିଷ୍ଟପାର୍ଟି, ଭାରତର କମ୍ୟୁନିଷ୍ଟପାର୍ଟି, ଜାତୀୟ କଂଗ୍ରେସ ତରଫରୁ ଶ୍ରମିକମାନଙ୍କୁ ନେଇ ପିକେଟିଂ କରାଯାଇଥିଲା । ସିପିଆଇର ସନାତନ ତ୍ରିପାଠୀ, ଜିଲ୍ଲା ସହ ସମ୍ପାଦକ ଅଭୟ ପଣ୍ଡା, ଚୌଧୁରୀ ଜେନା, ରାଧେଶ୍ୟାମ ରାଉତ, ଏସ୍ ଶତପଥୀ, ଶ୍ରୀଧର ଜେନା, ବିଜୟ




ନାୟକ, ନବକିଶୋର ବେହେରା, ନିରଞ୍ଜନ ବିଶ୍ୱାଳ, ଦୁର୍ଯ୍ୟୋଧନ ବାରିକ, ବିଷ୍ଣୁଚରଣ ଦାସ, ବଂଶୀଧର ଦାସ, ବନମାଳୀ ଦାସ, ଦଶରଥ ପରିଡ଼ା, ପୂର୍ଣ୍ଣ ଜେନା, ପୁରସ୍ତମ ବେହେରା, ଲକ୍ଷ୍ମୀକାନ୍ତ ବାରିକ, ରମେଶ ବେହୁରା, ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ମଳୟ କୁମାର ପଣ୍ଡା, ସିପିଆଇଏମ୍‌ର ବିଜୟ କୁମାର ନାୟକ, ଅମୂଲ୍ୟ ସାମଲ, ବିଦ୍ୟାଧର ସାହୁ, ହରେକୃଷ୍ଣ ଜେନା, ଜିଲ୍ଲା ସମ୍ପାଦିକା ପ୍ରଭାତୀ ଦାସ, ରଶ୍ମିତା ଦାସ, ଆଶା ବ୍ଲକ ସମ୍ପାଦିକା ରଞ୍ଜିତା ଦାସ, ଜାତୀୟ କଂଗ୍ରେସରୁ ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ବିଞ୍ଝାରପୁର କଂଗ୍ରେସ ନେତ୍ରୀ କନକ ଲତା ମଲ୍ଲିକ, ଚନ୍ଦ୍ର ଶେଖର ସାହୁ, ସାଗର ପରିଡ଼ା, ଶେଖର ଧଳ ପ୍ରମୁଖ ଯୋଗଦେଇଥିଲେ ।

### ବ୍ୟାସନଗର

ବ୍ୟାସନଗରରେ ଆଜି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଆନ୍ଦୋଳନାକାରୀମାନେ ଯାଜପୁର ରୋଡ୍ ରେଳ ଷ୍ଟେସନ୍, ଗୋପବନ୍ଧୁ ଛକ,




ଚୋରଦା ବାଇପାସ୍ ଏବଂ ବିଭିନ୍ନ ବ୍ୟାଙ୍କ, ସରକାରୀ ଅଫିସ୍ ସମ୍ମୁଖରେ ପିକେଟିଂ କରିବା ସହ ବଜାରର ମୁଖ୍ୟରାସ୍ତାରେ ପ୍ରତିବାଦ ଶୋଭାଯାତ୍ରା ସହିତ ବିଭିନ୍ନ ଛକରେ ସଭା କରିଥିଲେ । ଧର୍ମଘଟକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇ ସିଆଇଟିୟୁ ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ଏଆଇୟୁଟିୟୁସିର ଯାଜପୁର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନଙ୍କ ନେତୃତ୍ୱରେ ଶ୍ରମିକ, ଖଟିଖିଆ, ଚାଷୀଙ୍କ ସ୍ୱାର୍ଥ ବିରୋଧୀ ସରକାରଙ୍କୁ ସମାଲୋଚନା କରିଥିଲେ । ଆନ୍ଦୋଳନରେ ଏଆଇୟୁଟିୟୁସିର ରାଜକିଶୋର ମହାନ୍ତ, ବ୍ରଜବନ୍ଧୁ ରାଉତ, କାର୍ତ୍ତିକ ହାଲଦାର, ବିଜୟାନନ୍ଦ ମଲ୍ଲିକ,କେଦାରନାଥ ସାହୁ, ଶରତ ବାରିକ, ବିଜୟ ଜେନା, ନିରୁପମା ବେହେରା, ବିଶ୍ୱଜିତ ମଲ୍ଲିକ, ଶୁଭସ୍ମିତା ଦାସ, ଅଲେଖ ମଲ୍ଲିକ, ହୃଷିକେଶ ସିଂ, ଶରତ ଜେନା, ଲକ୍ଷ୍ମୀଧର କବି, ବ୍ରଜବନ୍ଧୁ ମଲ୍ଲିକ, ସିଆଇଟିୟୁର ତ୍ରିଲୋଚନ ରାଉତ, ମନ୍ମଥ ରାଏ, ଜୟରାମ ମୁର୍ମୁ, ଲାଲମଣି ମୁଣ୍ଡା, କୁନି ପୂର୍ତ୍ତି, ଗୁରୁବାରୀ ଲାଗୁରି, ରଶ୍ମୀରେଖା ନାୟକ, ଜଗା ମୁଣ୍ଡା, ନିତିମା ତିୟୁ ଗୋବିନ୍ଦ ନାୟକ ଓ ଗୌରୀ ନାୟକ ପ୍ରମୁଖ ସାମିଲ୍ ହୋଇଥିଲେ ।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

**ଧର୍ମଶାଳା,୧୨।୨(ସମିସ):** ଧର୍ମଶାଳା ଥାନା ନେଉଳପୁର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି । ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଫଳରେ ଯୁବକର ବେକ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଉଛି । ସୂଚନା ମୁତାବକ ନେଉଳପୁର ଗ୍ରାମରେ ଜମିବାଡି ବିବାଦକୁ ନେଇ ବିଜୟ ରାଉଳ ଓ ତାଙ୍କ ପଡୋଶୀଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା । ଆଜି ସନ୍ଧ୍ୟାରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା ଏହି ଗଣ୍ଡଗୋଳରେ ପଡୋଶୀ ବିଷ୍ଣୁ ରାଉଳଙ୍କ ପରିବାର ଲୋକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ବିଜୟଙ୍କ ବେକ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଦୁଇ ଗୋଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ବିଞ୍ଝାରପୁର ପାଇଁ ଗୌରବ ଆଣିଲେ ଗୌରବ



**ବିଞ୍ଝାରପୁର,୧୨।୨(ସମିସ):** ବିଞ୍ଝାରପୁର ବ୍ଲକ୍‌ର ମେଧାବୀ ଇଞ୍ଜିନିୟରିଂ ଛାତ୍ର ଗୌରବ ବିନ୍ଧାଣି ଜିଲ୍ଲା ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ଓମ୍ ପ୍ରକାଶ ଜିନ୍ଦଲ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ ପକ୍ଷରୁ ମୁମ୍ବାଇସ୍ଥିତ "ମ୍ୟୁଜିୟମ୍ ଅଫ ସଲୁସନ୍'ଠାରେ ଆୟୋଜିତ ସମାରୋହରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ସଂସ୍ଥା ପକ୍ଷରୁ ଗୌରବଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଗୌରବ ଏକ ନୂତନ ପ୍ରକଳ୍ପ ସମ୍ପର୍କରେ ଗଠନମୂଳକ ପ୍ରସ୍ତାବ ସହିତ ନିବନ୍ଧ ରଚନା କରିବା ସହ କମ୍ପାନୀକୁ ଦୃଢ଼ ପରାମର୍ଶ ଦେଇଥିବାରୁ ତାଙ୍କୁ "ଓପି ଜେମ୍ସ ସ୍କଲାରସିପ୍-୨୦୨୫' ପାଇଁ ମନୋନୀତ କରାଯାଇଛି । ଗୌରବ ଶିଶୁକାଳରୁ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ । ୨୦୨୦ ମସିହାରେ ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପରୀକ୍ଷାରେ ୯୫ଧ ନମ୍ବର ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । +୨ ବିଜ୍ଞାନରେ ମଧ ୯୫ ପ୍ରତିଶତ ନମ୍ବର ସହ ସେ "ସମ୍ବାଦ +୨ ସାଇନ୍ସ ଚାମ୍ପିଅନ' ଭାବେ ମନୋନୀତ ହୋଇଥିଲେ ଏବଂ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମରେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ହସ୍ତରୁ ସମ୍ବର୍ଦ୍ଧନା ଓ ମାନପତ୍ର ଗ୍ରହଣ କରିଥିଲେ । ବର୍ତ୍ତମାନ ସେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ମେକାନିକାଲ୍ ବ୍ରାଞ୍ଚର ତୃତୀୟ ବର୍ଷରେ ଅଧ୍ୟୟନରତ ।ଜେଜେ କବି ନାରାୟଣ ଚନ୍ଦ୍ର ବିନ୍ଧାଣି ଓ ଅଜା ଭାଜଗୋବିନ୍ଦ ସୁତାରଙ୍କ ଆଦର୍ଶରେ ଅନୁପ୍ରାଣିତ ତଥା ପିତା ରମାକାନ୍ତ ବିନ୍ଧାଣି ଓ ମାତା ଚଞ୍ଚଳା ବିନ୍ଧାଣିଙ୍କ ପରାମର୍ଶ ଓ ଶୁଭେଚ୍ଛୁମାନଙ୍କ ଆଶୀର୍ବାଦ ତାଙ୍କୁ ଜଣେ ଦକ୍ଷ ଇଞ୍ଜିନିୟର ହେବାରେ ପ୍ରେରଣା ଯୋଗାଇଛି ବୋଲି ସେ କହିଛନ୍ତି । ତାଙ୍କର ନମ୍ର ଓ ମିଶୁକ ସ୍ୱଭାବ ଯୋଗୁଁ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି ।

## ନୂଆ ଆଇଆଇସିଙ୍କୁ ସମ୍ବର୍ଦ୍ଧନା

ମଙ୍ଗଳପୁର,୧୨ ।୨(ସମିସ): ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାନାରେ ଜଗଦୀଶ କର ପ୍ରାୟ ଦୀର୍ଘ ୧୮ ମାସ ଧରି ଆଇଆଇସି ଭାବେ କାର୍ଯ୍ୟ ତୁଲାଇ ଆସିଥିବା ବେଳେ ଗତ ୧୦ ତାରିଖରେ ତାଙ୍କର ବଡ଼ଚଣା ଥାନାକୁ ବଦଳି ହୋଇଛି । ଜଗଦୀଶ କରଙ୍କ ବଦଳି ପରେ ତାଙ୍କ ସ୍ଥାନରେ ରଞ୍ଜନ କୁମାର ବେହେରା ମଙ୍ଗଳପୁର ଥାନାରେ ନୂତନ ଆଇଆଇସି ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସଂଘର ସଭାପତି ଜୟପ୍ରକାଶ ନାୟକ, ସମ୍ପାଦକ ସତ୍ୟରଞ୍ଜନ ସାହୁ, କୋଷାଧକ୍ଷ ରାକେଶ କୁମାର ସାହୁ, ସହସମ୍ପାଦକ ଆନନ୍ଦ ଚନ୍ଦ୍ର ବାରିକ, ବରିଷ୍ଠ ସଭ୍ୟ ମନୋରଞ୍ଜନ ମଲ୍ଲିକ,ସଞ୍ଜୟ ରାୟ, ସରୋଜ କୁମାର ପଣ୍ଡା, ବିଜୟ ରାଉତ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ




**ସୁକିନ୍ଦା,୧୨ ।୨(ସମିସ):** ସୁକିନ୍ଦା ବ୍ଲକ୍ ମହାମାୟୀ ସରକାରୀ ଉ.ପ୍ରା. ବିଦ୍ୟାଳୟ, ମଙ୍ଗଳପୁରରେ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ପ୍ରେମାଞ୍ଜଳି ନାୟକ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗୀରଥି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଞ୍ଜବିହାରୀ ପରିଡ଼ା ଓ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା, ଦ୍ୱିଜେନ୍ଦ୍ର ଘୋଷ, କିମ୍ବୁଆ ପାଣିଗ୍ରାହୀ, ବ୍ରଜସୁନ୍ଦର ପାତ୍ର, ନିରାକାର ସାମଲ, ମଙ୍ଗଳପୁର ସିଆର୍‌ସିସି ବସନ୍ତ କୁମାର ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବରୁ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଭିଭାବକ ସାମିଲ୍ ହୋଇଥିଲେ ।

## ବିଂଝାରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଲା ନୂଆ ଆମ୍ବୁଲାନ୍ସ

ବିଂଝାରପୁର,୧୨।୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ସମଗ୍ର ରାଜ୍ୟରେ ନୂତନ ଭାବେ ୨୫୦ଟି ଆମ୍ବୁଲାନ୍ସ ସେବାରେ ସମ୍ମିଳିତ କରାଯାଇଛି । ଏହାର ଅଂଶ ଭାବେ ଯାଜପୁର ଜିଲ୍ଲାକୁ ୭ଟି ନୂଆ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି । ସେହି ପରିପ୍ରେକ୍ଷୀରେ ଆଜି ବିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ନୂଆ ଆମ୍ବୁଲାନ୍ସ ଆସି ପହଞ୍ଚିଛି । ଏହି ଅବସରରେ ଆୟୋଜିତ ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ଆମ୍ବୁଲାନ୍ସଟିକୁ ଶୁଭାରମ୍ଭ କରିଥିଲେ । ବିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ କ୍ଷିତୀଶ କୁମାର ନାୟକ ଓ ଯାଜପୁର ଜିଲ୍ଲା ଆମ୍ବୁଲାନ୍ସ ପରିଚାଳକ ସୌମ୍ୟରଞ୍ଜନ ସାମଲ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କର୍ମଚାରୀ ଓ ଅନ୍ୟାନ୍ୟ କର୍ମୀମାନେ ଉପସ୍ଥିତ ଥିଲେ । ନୂଆ ଆମ୍ବୁଲାନ୍ସ ଯୋଗ ହେବା ସହ ବିଂଝାରପୁର ଓ ଆଖପାଖ ଅଞ୍ଚଳର ଗରିବ ଏବଂ ଆପାତକାଳୀନ ରୋଗୀମାନେ ଶୀଘ୍ର ଓ ସୁରକ୍ଷିତ ଭାବେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି । ସ୍ଥାନୀୟ ଲୋକମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ବେଳେ, ଏହା ଅଞ୍ଚଳର ସ୍ୱାସ୍ଥ୍ୟ ସେବାକୁ ଆହୁରି ଦୃଢ଼ କରିବ ବୋଲି ମତ ପ୍ରକାଶ କରିଛନ୍ତି ।




## କରଦା ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ

**ପାଣିକୋଇଲି,୧୨ ।୨(ସମିସ):** କୋରେଇ ବ୍ଲକ୍ କରଦା ପଞ୍ଚାୟତର କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦୁର୍ବଳ ହୋଇପଡ଼ିଥିବା କଂଗ୍ରେସ ଦଳକୁ ପୁନଃଜୀବିତ କରିବାକୁ ବ୍ଲକ୍ କଂଗ୍ରେସ କମିଟି ସଭାପତି ହରେକୃଷ୍ଣ ସାହୁ ଅଣ୍ଟା ଭିଡ଼ିଛନ୍ତି । ପୁରୁଣା କଂଗ୍ରେସ କର୍ମୀଙ୍କୁ ଏକାଠି କରିବା ସହ ଦଳ ଛାଡ଼ି ବିଜେପି ଦଳରେ ସାମିଲ ହୋଇଥିବା ପୁରୁଣା କଂଗ୍ରେସ କର୍ମୀ ମାନେ ପୁଣି ଦଳରେ ସାମିଲ ହେଉଥିବା ଦେଖିବାକୁ ମିଳିଛି । ଏହି ଅବସରରେ କରଦା ପଞ୍ଚାୟତର ସଭାପତି ଭାବେ ନବୀନ ମଲିକ, କାର୍ଯ୍ୟକାରୀ ସଭାପତି ଭାବେ ବିରଜା ପ୍ରସାଦ ଚୌଧୁରୀ ଓ ଯୁବ ସଭାପତ ଭାବେ ଦିଲ୍ଲୀପ ଜେନାଙ୍କୁ ସର୍ବ ସମ୍ମତ ସହମତିରେ ଚୟନ କରାଯାଇଥିଲା । ଏଥି ସହିତ କରଦା ପଞ୍ଚାୟତର ଲକ୍ଷ୍ମୀଧର ଭୂୟାଁ, କେଶବ ମଲିକ, ଦଧିବାମନ ଦାସ, ନିରଞ୍ଜନ ମଲିକ ଓ ଦୟାନିଧି ଭୂୟାଁ ପ୍ରମୁଖ କଂଗ୍ରେସ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ । ବ୍ଲକ୍ କଂଗ୍ରେସ ସଭାପତି ହରେକୃଷ୍ଣ ସାହୁ ଉପସଭାପତି ନିରଞ୍ଜନ ନାୟକ, ପୂର୍ବତନ ସଭାପତି ମଦୁସୂଦନ ସାହୁ, ଜନାର୍ଦ୍ଦନ କର, ସୁଧୀର ମହାନ୍ତି ଛକ୍ରଧର ବାରିକ, ବସନ୍ତ ଦାସ, ଶରତ ପାଣିଗ୍ରାହୀ ଲକ୍ଷ୍ମୀଧର ଭୂୟାଁ ଦିଲ୍ଲୀପ ଜେନା, ସୁନାକର ମଲିକ, କୁଳମଣି ସେନାପତି, ନାରଣ ମଲିକ, ନୀଳମାଧବ ବେହେରା, ଦୁର୍ଗା ପ୍ରସାଦ ଖଣ୍ଡାଇ, ନିରଞ୍ଜନ ନାୟକ ପ୍ରମୁଖ ଅନୁପସ୍ଥିତ ଥିଲେ ।

## ଆଞ୍ଚଳିକ ବିଡ଼ି ଶ୍ରମିକ ସଂଘର ବାର୍ଷିକ ଉତ୍ସବ

ବ୍ରହ୍ମବରଦା,୧୨।୨(ସମିସ):



ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତଠାରେ ଥିବା ଆଞ୍ଚଳିକ ବିଡି ଶ୍ରମିକ ସଂଘର ୫୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସଙ୍ଘର ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସର୍ବସମ୍ମତିକ୍ରମେ ପୁର୍ନବାର ସଂଘର ସଭାପତି ଭାବେ ପ୍ରଦୀପ ଦାସଙ୍କୁ ସଭ୍ୟମାନେ ମନୋନୀତ କରିଥିଲେ । ଅବହେଳିତ ଅବସ୍ଥାରେ ରହିଥିବା ଅବସରପ୍ରାପ୍ତ ବିଡ଼ି ଶ୍ରମିକଙ୍କର ବର୍ଦ୍ଧିତ ପେନସନ ସର୍ବନିମ୍ନ ୯ ହଜାର ଟଙ୍କା କରିବା, ବ୍ରହ୍ମବରଦାସ୍ଥିତ ବିଡ଼ି ଶ୍ରମିକ ଡାକ୍ତରଖାନାରେ ଓଡ଼ିଆ ଡାକ୍ତରଙ୍କ ନିଯୁକ୍ତି ସହିତ ଅବଶ୍ୟକୀୟ ଔଷଧ ଯୋଗାଣ ଓ ମଜୁରି ବୃଦ୍ଧି ପ୍ରସଙ୍ଗ ସହିତ ଅନ୍ୟାନ୍ୟ ଦାବିଗୁଡ଼ିକ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଥିଲେ । ସଭା ପ୍ରାରମ୍ଭରେ ଚଳିତବର୍ଷ ବିଡ଼ି ଶ୍ରମିକଙ୍କ ମଧ୍ୟରୁ ପରଲୋକ ଘଟିଥିବା ଶ୍ରମିକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଗୌତମ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟ ଅତିଥି ମଧ୍ୟରେ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଦାସ ଜମା ଖର୍ଚ୍ଚର ବିବରଣୀ ପାଠ କରିଥିଲେ । ସାଧାରଣ ସମ୍ପାଦକ ଧନେଶ୍ୱର ସାହୁ ଏବଂ ଉପସଭାପତି ନିରଞ୍ଜନ ଜେନା ସଙ୍ଗଠନର ନିର୍ବଚନୀ ପରିଚାଳନା କରିଥିଲେ । ବ୍ରହ୍ମବରଦା, ବନ୍ଧଡିହ, ମହେଶ୍ୱରପୁର, କାକୁଡ଼ିକୁଦ ସମେତ ଆଖପାଖ ଅଞ୍ଚଳର ଶତାଧିକ ସଭ୍ୟମାନେ ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ । ସଭା ଶେଷରେ କୋଷାଧକ୍ଷ ସେକ ଜୁହୁର ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକରେ ୧୨ ଘଣ୍ଟିଆ ଭାରତ ବନ୍ଦ; ଜୋର୍‌ଦାର ପ୍ରଭାବ

**ଭଦ୍ରକ, ୧୨।୨(ସମିସ)**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଡକରାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଗୁରୁବାର ଭାରତ ବନ୍ଦ କରାଯାଇଛି। ଭଦ୍ରକ ସହରରେ ଏହାର ଜୋର୍‌ଦାର୍ ପ୍ରଭାବ ଦେଖିବାକୁ ମିଳିଛି। ଟ୍ରେଡ୍ ୟୁନିୟନ ନେତା ଓ କର୍ମୀମାନେ ପତାକା ଓ ବ୍ୟାନର ଧରି ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ ସହ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। କେନ୍ଦ୍ର ସରକାର ଲାଗୁ କରିଥିବା ୪ଟି ଶ୍ରମ କୋଡ୍ ବାତିଲ୍ କରିବା ସହ ଶ୍ରମିକମାନଙ୍କୁ ବୃତ୍ତିଗତ ସୁରକ୍ଷା ପ୍ରଦାନ, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ କରିବା, ସମ୍ବିଧାନ ସୁରକ୍ଷା, ମନରେଗା ନାମ ପରିବର୍ତ୍ତନକୁ ବିରୋଧ ଆଦି ବିଭିନ୍ନ ଦାବି ପୂରଣ ପାଇଁ ଏହି ଧର୍ମଘଟ କରାଯାଇଛି ବୋଲି ନେତୃବୃନ୍ଦ ବକ୍ତବ୍ୟରେ କହିଥିଲେ। ବିଭିନ୍ନ ଟ୍ରେଡ୍ ୟୁନିୟନ ଏହି ବନ୍ଦରେ ସାମିଲ୍ ହୋଇଥିବାବେଳେ ଏଆଇସିସିଟିୟୁ




ପକ୍ଷରୁ ଜିଲ୍ଲା ସମ୍ପାଦକ ସମର ବଳଙ୍କ ନେତୃତ୍ୱରେ୧୬ନଂ ଜାତୀୟ ରାଜପଥକୁ କଲେଜ ରୋଡ୍ ଓଭରବ୍ରିଜ୍ ନିକଟରେ ସକାଳ ୬ଟାରୁ ଅବରୋଧ କରାଯାଇଥିଲା। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାର ଗାଡ଼ିମୋଟର ଅଟକି ରହିଥିଲା। ପ୍ରାୟ ଅପରାହ୍ଣ ୨ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ଭଦ୍ରକ ସହର ବନ୍ତ ଛକ ନିକଟରେ ସିଟୁ ପକ୍ଷରୁ ପିକେଟିଂ କରି ଗାଡ଼ି ଚଳାଚଳ ବନ୍ଦ କରିବା ସହ ଦୋକାନ ବଜାର ବନ୍ଦ କରାଯାଇଥିଲା। ଏହି ବନ୍ଦ ପାଳନକୁ ବିଜେଡି ଶ୍ରମିକ ସାମ୍ମୁଖ୍ୟ ସମର୍ଥନ କରିଥିବାବେଳେ ସାମ୍ମୁଖ୍ୟର ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବନ୍ଦରେ ଯୋଗଦେଇଥିଲେ। ସହରରେ ସମସ୍ତ ଦୋକାନ ବଜାର, ସରକାରୀ ଅଫିସ, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ଦେଖାଯାଇଥିଲା। ବନ୍ଦ ପାଳନରେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତି ରାଜ୍ୟ ସଭାନେତ୍ରୀ ଜୟନ୍ତୀ ବିଶ୍ୱାଳ, ଶ୍ରମିକ ନେତା ଚନ୍ଦ୍ରଶେଖର ନାୟକ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ଶାନ୍ତିଲତା ନାୟକ, ନାରୀନେତ୍ରୀ ସୁରଜିତା ନାୟକ, ଶାନ୍ତିଲତା ରାଉତ, ପ୍ରଶାନ୍ତ ଶଙ୍ଖୁଆ, ଗାୟତ୍ରୀ ବେହେରା, ଗୋପୀ ମୋହନ ନାଥ, ଆରତୀ ଯେନା, ନବକିଶୋର ଦାସ, ରଞ୍ଜିତା ପଣ୍ଡା, ଅଜୟ ସେନାପତି, ଉତ୍ତମ ଗୋଚ୍ଛାୟତ, ଶୁଭେନ୍ଦୁ ମହାନ୍ତି, ରମେଶ ଜେନା, ରବି ସେଠୀଙ୍କ ସମେତ ବିଭିନ୍ନ ସଂଗଠନର ନେତା, ସମର୍ଥକମାନେ ସାମିଲ୍ ହୋଇଥିଲେ।

## ଭଣ୍ଡାରିପୋଖରୀ/ବାରିକପୁର




କେନ୍ଦ୍ର ସରକାରଙ୍କ ଶ୍ରମିକ ତଥା କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ରଦ୍ଦ ଏବଂ ଅନ୍ୟାନ୍ୟ ଦାବିରେ ଦେଶବ୍ୟାପୀ ହରତାଳ ପାଳନ ହୋଇଛି। ପ୍ରାୟ ୧୦ଟି ଛାମୁଆ ଶ୍ରମିକ ସଂଗଠନ ପକ୍ଷରୁ ଏହି ବୃହତ୍ ବନ୍ଦ ଡକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଛି। ଏଆଇୟୁଟିୟୁସି ଜିଲ୍ଲା ସଂଗଠକ ରାମଚନ୍ଦ୍ର ଶଙ୍ଖୁଆଙ୍କ ନେତୃତ୍ୱରେ ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ରାଜପଥରେ ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହନ ଅଟକି ରହିଥିଲା। ଯାତ୍ରୀବାହୀ ଗାଡ଼ି ସହିତ ବିଭିନ୍ନ ମାଲ୍‌ବାହୀ ଟ୍ରକ୍ ଘଣ୍ଟା ଘଣ୍ଟା ଧରି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଜିଲ୍ଲାର ପ୍ରବେଶ ପଥ ଆଖୁଆପଦାଠାରୁ ବିଷ୍ଣୁପୁର ଛକ ଯାଏ ଏକପ୍ରକାର ଚକା ଯାମ ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ସମେତ ତହସିଲ୍, ବିଇଓ, ରାଷ୍ଟ୍ରାୟତ ବ୍ୟାଙ୍କ, ସ୍କୁଲ, କଲେଜ ନାମକୁ ମାତ୍ର ଖୋଲା ରହିଥିବାବେଳେ କର୍ମଚାରୀ ଉପସ୍ଥାପନ କମ୍ ରହିଥିଲା। ଶ୍ରମିକ ସଂଗଠନ ସଦସ୍ୟମାନେ ରାଜପଥ ଉପରେ ସରକାର ବିରୋଧୀ ସ୍ଲୋଗାନମାନ ଦେଇଥିବାବେଳେ ତୁରନ୍ତ ତ୍ରୁଟିପୂର୍ଣ୍ଣ ଶ୍ରମକୋଡ୍ ରଦ୍ଦ ପାଇଁ ଦାବି କରିଥିଲେ। ଏଥିରେ ଅନାମ ଚରଣ ସାମଲ, ପର୍ଶୁରାମ ଲେଙ୍କା, ନୀଳମଣି ସେଠୀ, ସୂର୍ଯ୍ୟମଣି ଦ୍ୱିବେଦୀ, ସୁରମା ସାମଲ, କୀର୍ତ୍ତନ ବିହାରୀ ମଲ୍ଲିକ, ହରେକୃଷ୍ଣ ଜେନା, ଶତ୍ରୁଘ୍ନ ବେହେରା, ମଧୁସୂଦନ ଓଝା, ଦୁର୍ଗା ଚରଣ ଦଳେଇ, ମାର୍କଣ୍ଡ ଜେନା, କେଦାର ଜେନା ପ୍ରମୁଖ ସାମିଲ୍ ହୋଇଥିଲେ।

## ଚାନ୍ଦବାଲି ବ୍ଲକରେ ବନ୍ଦ

**ଭଦ୍ରକ:** ଟ୍ରେଡ୍ ୟୁନିୟନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ସର୍ବଭାରତୀୟ ସାଧାରଣ ଧର୍ମଘଟ ଡକରାକୁ ସମର୍ଥନ କରି ଓଡ଼ିଶା କୃଷକ ସଭା, ସିଆଇଟିୟୁ, ଏଆଇଟିୟୁସି, ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍ ପକ୍ଷରୁ ଚାନ୍ଦବାଲି ବ୍ଲକର ବିଭିନ୍ନ ସ୍ଥାନ ଯଥା- ଚାନ୍ଦବାଲି, ଜନ୍ତୁଆଳି ଛକ, ଧାମରା, ମତୋ, ଯଶିପୁର, ଘଣ୍ଟେଶ୍ୱର, ନଳଗୋହିରା, ଚର୍ଦ୍ଦିଆ, ଦୋସିଙ୍ଗା ଆଦି ସ୍ଥାନରେ ବନ୍ଦ ଆନ୍ଦୋଳନ ସଫଳ ହୋଇଥିବାବେଳେ ଭଦ୍ରକ-ଧାମରା ରେଳପଥରେ ଜନ୍ତୁଆଳି ଛକଠାରେ ଓଡ଼ିଶା କୃଷକ ସଭା ପକ୍ଷରୁ ରେଳରୋକ ଆନ୍ଦୋଳନ ହୋଇଥିଲା। ଫଳରେ ଆଦାନୀ କମ୍ପାନୀର ପ୍ରାୟ ୧୬ଟି ମାଲ୍‌ବାହୀ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ସିଆଇଟିୟୁ ଏଆଇଟିୟୁସି ଏବଂ ଓଡ଼ିଶା କୃଷକ ସଭା ପକ୍ଷରୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଚାନ୍ଦବାଲି ବଜାରରେ ବନ୍ଦ ରଖାଯାଇଥିଲା। ଦିଗଛିଆ-ଧାମରା ରାସ୍ତାରେ ଜନ୍ତୁଆଳି ଛକଠାରେ



ଓଡ଼ିଶା କୃଷକ ସଭା ପକ୍ଷରୁ ରାସ୍ତାରୋକ ଆନ୍ଦୋଳନ କରାଯାଇଥିଲା। ଧାମରା ବନ୍ଦର ମୁଖ୍ୟ ଫାଟକ, ଯଶିପୁର ବଜାର, ମତୋ ବଜାର ଆଦି ସ୍ଥାନରେ କଂଗ୍ରେସ ଓ ସିପିଆଇ(ଏମ୍) ପକ୍ଷରୁ ମିଳିତ ଆନ୍ଦୋଳନ ସଂଗଠିତ ହୋଇଥିଲା। ଏହି ସର୍ବଭାରତୀୟ ସାଧାରଣ ଧର୍ମଘଟରେ ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ, ତହସିଲ୍ କାର୍ଯ୍ୟାଳୟ, ଚାନ୍ଦବାଲି ବ୍ଲକରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ସମସ୍ତ ବ୍ୟାଙ୍କ, ବୀମା କାର୍ଯ୍ୟାଳୟ, ସମସ୍ତ ପୋଷ୍ଟ ଅଫିସ, ଚାନ୍ଦବାଲି ଲଞ୍ଚ ଘାଟ, ଚାନ୍ଦବାଲି ବ୍ଲକର ସମସ୍ତ ଫେରିଘାଟ, ଧାମରା ବନ୍ଦର, ଧାମରା ମତ୍ସ୍ୟ ପୋତାଶ୍ରୟ, ଚନ୍ଦନିପାଳ ଶୁଖୁଆ ଖଟି ଆଦି ବନ୍ଦ ରହିଥିଲା। ଏହି ଆନ୍ଦୋଳନରେ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିଆଇଟିୟୁ ନେତା ମଳୟ ଭୋଇ, ଅଶୋକ ବେହେରା, ଘନଶ୍ୟାମ ଦାସ, ଅଭିରାମ ବଳ, ବ୍ରହ୍ମାନନ୍ଦ ପରିଡ଼ା, କାହ୍ନୁ କିଶୋର ସାହୁ, ଜୟୀରାମ ଦାସ, କୃଷକ ନେତା ବାମଦେବ ମଲ୍ଲିକ, ଚକ୍ରଧର ଦାସ, ଅଞ୍ଜନ ଦାସ, ହାକିମ୍ ଦାସ, ଦଳିତ ନେତା ଶ୍ରୀନାଥ ଦାସ, ଚାଷୀ ନେତା କାର୍ତ୍ତିକ ଖିଲାର, ଶଙ୍କର୍ଷଣ ବିଶ୍ୱାଳ, କାଳନ୍ଦୀ ଜତି, କାଳିପଦ ଯେନା, କଂଗ୍ରେସ ନେତା ଅମୀୟ ମହାପାତ୍ର, ଦିଗମ୍ବର ଦାସ, ତ୍ରୈଲୋଚନ ପଣ୍ଡା, କିଶୁରାମ ଯେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଧାମନଗର




ଧାମନଗର ବଜାର ବିଜୁ ପଟ୍ଟନାୟକ ଛକଠାରେ କଂଗ୍ରେସ ଓ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ନେତୃମଣ୍ଡଳୀ ଏବଂ ସମର୍ଥକମାନେ ରାସ୍ତା ଅବରୋଧ କରି ବସିଥିଲେ। ଫଳରେ ଯାତ୍ରୀମାନଙ୍କ ଯାତାୟାତରେ ଘୋର୍ ବ୍ୟାଘାତ ଘଟିଥିବା ସହ ବ୍ଲକ କାର୍ଯ୍ୟାଳୟ, ତହସିଲ୍ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ଟ୍ରେଜେରି, ବ୍ୟାଙ୍କ ଏବଂ ବିଇଓଙ୍କ କାର୍ଯ୍ୟାଳୟ ସମେତ ଅନ୍ୟ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ କର୍ମୀମାନଙ୍କ ଦ୍ୱାରା ବନ୍ଦ କରାଯାଇଥିଲା। ଏଥିରେ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ବାବା ହରେକୃଷ୍ଣ ସେଠୀ, ପ୍ରମୋଦ ସ୍ୱାଇଁ, ସାମ୍ୟବାଦୀ ନେତା ମହମ୍ମଦ ଜୈନୁଲ ଆବେଦିନ, ଚିନ୍ତାମଣି ବାରିକ, ବିକ୍ରମ ମହାପାତ୍ର, ସେକ୍ ମାମା, ଗୟାଧର ସାହୁ, ଜିଲ୍ଲାନି ଖାଁ, ମୁନ୍ନା ପରିଡ଼ା, ବିପ୍ଲବ ଜେନା, ପ୍ରତାପ ଦାସ, ଶାନ୍ତିଲତା ନାୟକ, ଖାଜେ ମେହେମୁଦ ଏବଂ ଜଲାଲୁଦ୍ଦିନ ଖାଁଙ୍କ ସମେତ ଶତାଧିକ କର୍ମୀ ଏହି ବନ୍ଦ ଡକରାରେ ସାମିଲ୍ ହୋଇ ନିଜ ନିଜର ଦଳୀୟ ପତାକା ଧରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ମନଇଚ୍ଛା ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର, ମନରେଗା ଆଇନକୁ ତୁରନ୍ତ ହଟାଇବା, ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ମାସକୁ ୨୬ହଜାର ଟଙ୍କା ଘୋଷଣା କରିବା ଏବଂ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର କରିବା ଆଦି ବିଭିନ୍ନ ପ୍ରକାର ନାରାବାଜି ଦେଇଥିଲେ।

## ଅସୁରାଳି



ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ୧୨ରୁ ଅଧିକ ଶ୍ରମିକ ସଂଘଙ୍କ ଡକରାରେ ଗୁରୁବାର ସାରା ଦେଶରେ ଭାରତ ବନ୍ଦ ପାଳିତ ହେଲା। ଏହି ବନ୍ଦର ପ୍ରଭାବ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ମିଶ୍ରିତ ଭାବରେ ଦେଖିବାକୁ ମିଳିଲା। ଆରଡ଼ି ଛକଠାରୁ ଆରଡ଼ି ପର୍ଯ୍ୟନ୍ତ ରାସ୍ତାଘାଟ ଶୂନ୍‌ଶାନ୍ ଦେଖାଗଲା। ଯାନବାହନ ଚଳାଚଳ ପୂରା ବନ୍ଦ ଥିଲା। ଦୋକାନ, ବଜାର, ବ୍ୟାବସାୟିକ ସଂସ୍ଥାଗୁଡ଼ିକ ଖୋଲା ରହିଥିଲା। ବେତାଳି ଗାଁରେ ଯାନବାହନ ଚଳାଚଳ ଠପ୍ ଥିଲା, କିନ୍ତୁ ଦୋକାନ ବଜାର ସାଧାରଣ ଭାବରେ ଖୋଲା ରହିଥିଲା। ଏଥିରୁ ସ୍ପଷ୍ଟ ହେଲା ଯେ ବନ୍ଦର ପ୍ରଭାବ ସମସ୍ତ ସ୍ଥାନରେ ସମାନ ହୋଇ ନ ଥିଲା। ଧୂଷୁରୀରେ ଓଡ଼ିଶା କୃଷକ ସଭାର ସତ୍ୟମୂର୍ତ୍ତି ବେହେରା, ଅନାଦି ମହାନ୍ତି, ଯୁଧିଷ୍ଠିର ମହାପାତ୍ର, ସାନନ୍ଦ କୁଅଁର, ଘନଶ୍ୟାମ ନାଥ, ରମାକାନ୍ତ ସାହୁ, କେଦାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ନେତୃତ୍ୱରେ ଆନ୍ଦୋଳନ ସଫଳ ହୋଇଥିଲା ଓ ଏହି ବନ୍ଦକୁ ଧାମନଗର କଂଗ୍ରେସ ଓ ବିଜେଡି ଦଳ ସମର୍ଥନ ଜଣାଇଥିଲେ। ଦଳୀୟ ସମର୍ଥନରେ ଆନ୍ଦୋଳନକୁ ଅଧିକ ଗତି ମିଳିଥିଲା। ଭାରତ ବନ୍ଦର ପ୍ରଭାବ ଜିଲ୍ଲାରେ ସ୍ଥାନଭେଦରେ ମିଶ୍ରିତ ଭାବରେ ପ୍ରକାଶିତ ହେଲା। କେତେକ ସ୍ଥାନରେ ସମ୍ପୂର୍ଣ୍ଣ ବନ୍ଦ, କେତେକ ସ୍ଥାନରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଲା। ତଥାପି ଆନ୍ଦୋଳନକାରୀମାନେ ଶାନ୍ତିଶୃଙ୍ଖଳାର ସହିତ ପ୍ରତିବାଦ କରିଥିବାରୁ କୌଣସି ଅସାମାଜିକ ଘଟଣା ଘଟି ନ ଥିଲା।

## ତିହିଡ଼ି

ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ୍ କରିବା, କୃଷିଜାତ ସାମଗ୍ରୀର ଏମ୍‌ଏସ୍‌ପିଯୁକ୍ତ ଆଇନ ପ୍ରଣୟନ କରିବା, ଭିଭିଜି ରାମଜୀ ଆଇନ ବାତିଲ୍ କରିବା, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୫ ବାତିଲ୍ କରିବା, ବିହନ ବିଲ୍-୨୦୨୫ ବାତିଲ୍ କରିବା, ଯୁକ୍ତରାଷ୍ଟ୍ର ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ବାତିଲ୍ କରିବା ଆଦି ଦାବି ନେଇ ସର୍ବଭାରତୀୟ ସାଧାରଣ ଧର୍ମଘଟ ଗୁରୁବାର ତିହିଡ଼ିରେ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବଜାରରେ ସିଆଇଟିୟୁ ତିହିଡ଼ି ବ୍ଲକ ସଭାପତି ବିଷ୍ଣୁ ଦାଶଙ୍କ ନେତୃତ୍ୱରେ ରାସ୍ତାରୋକ କରାଯିବା ସହ ବଜାର ବନ୍ଦ ରହିଥିଲା। ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଆଦି ବନ୍ଦ ରହିଥିଲା। ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀ, ଭାଗବତ ସେନାପତି, ଜ୍ୟୋତିର୍ମୟ ମଲିକ, ଆଇନଜୀବୀ ଧନେଶ୍ୱର ନାୟକ, ନିର୍ମଳ ଦଳେଇ, କୃଷକ ନେତା କୃଷ୍ଣଚନ୍ଦ୍ର ମଳିକ,




ସତ୍ୟବ୍ରତ କୁଣ୍ଡ, ଶ୍ରୀଧର ଜେନା, ପିତାମ୍ବର ମଲିକ, ଅଭିମନ୍ୟୁ ମହାଲିକ, ଲକ୍ଷ୍ମୀକାନ୍ତ ଦାସ, ବିଭୀଷଣ ଦାସ ପ୍ରମୁଖ ଭାରତ ବନ୍ଦକୁ ତିହିଡ଼ି ଅଞ୍ଚଳରେ ସଫଳ କରିଥିଲେ। କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ସରୋଜ ଦାସ, ସୁଧାଂଶୁ ଶେଖର ମାହୁନ୍ତ, ନରହରି ନାୟକ, ସୌମେନ୍ଦ୍ର ପଣ୍ଡା, ପିତାମ୍ବର ସେଠୀ, କୈଳାସ ପାତ୍ର, ସୁରେଶ ମହାପାତ୍ର ପ୍ରମୁଖ ସମର୍ଥନ ଜଣାଇ ଉପସ୍ଥିତଥିଲେ। ପାଚିକା ସଂଘର ଶାନ୍ତିଲତା ପଣ୍ଡା, ଆରତୀ ନାୟକ, ବାସନ୍ତୀ ମହାଲିକ ପ୍ରମୁଖ ବନ୍ଦ ପାଳନରେ ଯୋଗଦେଇଥିଲେ। ସେହିପରି ପୀରହାଟରେ ବନମାଳୀ ମହାନ୍ତି, ସୁବାସ ମହାଲିକ, ଅଭିମନ୍ୟୁ ମହାଲିକ, ସନାତନ ଦାସ, ରବୀନ୍ଦ୍ର ବାରିକ ଓ ନାରାୟଣ ତ୍ରିପାଠୀ ପ୍ରମୁଖ ଭାରତ ବନ୍ଦର ନେତୃତ୍ୱ ନେଇଥିଲେ। ଦୋଳସାହିରେ ବନ୍ଦ ପାଳନ ହୋଇଥିଲା। ଅଖିଳ ଭାରତ କୃଷକ ସଭାର ଜିଲ୍ଲା ସମ୍ପାଦକ ବିମ୍ବାଧର ବାରିକ, ରତ୍ନାକର ଘଡ଼େଇ, ମାୟାଧର ବେହେରା ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ।

## ବାସୁଦେବପୁର

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି, ସ୍ଥାୟୀ ନିଯୁକ୍ତି ଆଦି ଦାବି ନେଇ ଟ୍ରେଡ୍ ୟୁନିୟନ ପକ୍ଷରୁ ଧର୍ମଘଟ ଡକରା ଦିଆଯାଇଛି। ଭଦ୍ରକ ଜିଲ୍ଲାର ବାସୁଦେବପୁର ଅଞ୍ଚଳର ସମସ୍ତ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି। ଟ୍ରେଡ୍ ୟୁନିୟନ ପକ୍ଷରୁ ବନଲତା ଜେନା, ମମତା ଜେନା, ହରିହର ବେହେରା, ସୀତା ଦାଶ, ଶ୍ରୀକାନ୍ତ ବେହେରା, ଆଶାକର୍ମୀ, ପାଚିକା ଓ ସହାୟିକା ଶହଶହ ସଂଖ୍ୟାରେ ଗାଡ଼ି ମୋଟର ବନ୍ଦ କରିବା ସହିତ ଦୋକାନ, ବଜାର, ସ୍କୁଲ କଲେଜ ଓ ବ୍ୟାଙ୍କକୁ ଶାନ୍ତି ଶୃଙ୍ଖଳାର ସହିତ ବନ୍ଦ କରିଥିଲେ। ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ଛକଠାରେ ଆନ୍ଦୋଳନକାରୀମାନେ ଗାଡ଼ି ମୋଟର ଅଟକ କରିଥିଲେ। ଦୁଗ୍ଧ ଗାଡ଼ି, ଆମ୍ବୁଲାନ୍ସ ଓ ରୋଗୀ ଯାଉଥିବା ଗାଡ଼ି ଛାଡ଼ି ଦେଇଥିଲେ। ଅନ୍ୟ ଭାରୀଯାନ ଅଟକି ରହିଛି। ଏହି ଧର୍ମଘଟକୁ କଂଗ୍ରେସ ସମର୍ଥନ କରୁଥିବାରୁ ଆମ କାଳୀ ଛକରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଗାଡ଼ି ମୋଟର ଚଳାଚଳ ବନ୍ଦ କରିଥିଲେ।

## ବନ୍ତ/ଆଗରପଡ଼ା

୧୨ଦଫା ଦାବି ନେଇ ଆହୁତ ୧୨ ଘଣ୍ଟିଆ ଧର୍ମଘଟ ଆଗରପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରଭାବରେ ଗାଡ଼ିମୋଟର ଚଳାଚଳ, ସ୍କୁଲ, କଲେଜ ଓ ଦୋକାନ ବଜାର ଆଦି ବନ୍ଦ ରହିଥିଲା। ସିପିଆଇ ଯୁବନେତା ଦିଲ୍ଲୀପ ନାୟକ, ନୃସିଂହ ମହାପାତ୍ର, ରମେଶ ଜେନା, କୈଳାସ ଜେନା, ରବୀନ୍ଦ୍ର ରାଉତ, ଭବାନୀ ଦାଶ, ସୁରେନ୍ଦ୍ର ରାଉତ, ରମେଶ ଦାସଙ୍କ ସମେତ ବାମପନ୍ଥୀ ବରିଷ୍ଠ ନେତା ଶିକ୍ଷାବିତ୍ ପ୍ରଭାସ ମହାପାତ୍ର, ଗୁଡ୍ଡୁ ମହାପାତ୍ର, ରୋଜାଲିନ ସାମ୍ୟବାଦୀ ପ୍ରମୁଖ ଏହି ଧର୍ମଘଟରେ ସାମିଲ୍ ଥିଲେ।




## ୨ ବାଇକ୍ ମୁହାଁମୁହିଁ; ଦୁଇ ଗୁରୁତର

**ବନ୍ତ/ଆଗରପଡ଼ା, ୧୨।୨(ସମିସ):** ଆଗରପଡ଼ା-ବରପଦା ମୁଖ୍ୟ ରାସ୍ତାର ଆଗରପଡ଼ା ଥାନା ନିକଟରେ ଗୁରୁବାର ଦୁଇଟି ମୋଟର ସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ବ୍ୟକ୍ତିମାନେ ଆଣ୍ଡିରାଷଡ଼ଙ୍ଗୀର ମନ ରାଉତ (୪୫) ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଉପୁର ଗାଁର ରାଜକିଶୋର ଜେନା (୩୫) ବୋଲି ଜଣାପଡ଼ିଛି। ଖବର ପାଇ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଦୁଇଟିକୁ ଜବତ କରି ଥାନାକୁ ଆଣିଥିବାର ସୂଚନା ମିଳିଛି।

## ରାଜେଶ ସେଠୀ ନୂତନ ଥାନାଧିକାରୀ

**ବନ୍ତ/ଆଗରପଡ଼ା, ୧୨।୨(ସମିସ):** ରାଜେଶ ସେଠୀ ଆଗରପଡ଼ା ଥାନାଧିକାରୀ ଭାବେ ଯୋଗଦେଇଛନ୍ତି। ସେ ଜିଲ୍ଲାର ବିଭିନ୍ନ ଥାନାରେ ଦକ୍ଷତା ସହ କାର୍ଯ୍ୟକରି ଘଣ୍ଟେଶ୍ୱର ଫାଣ୍ଡିରୁ ଏହି ଥାନାକୁ ବଦଳି ହୋଇଛନ୍ତି। ସାଧାରଣ



ଜନତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପ୍ରାଥମିକତା ଦେବେ ଓ ଏହି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସଦାସର୍ବଦା ଚେଷ୍ଟା କରିବେ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

## କେନାଲ ରାସ୍ତାରେ ଗର୍ତ୍ତ; ଜୀବନ ହାନୀ ଆଶଙ୍କା



**ବାରିକପୁର, ୧୨।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମହିମା ବଜାର ପଟାପୋଲଠାରୁ ବେଲଗଡ଼ିଆକୁ ସଂଯୋଗ କରୁଥିବା କେନାଲ ରାସ୍ତାରେ ଦୀର୍ଘ ମାସ ହେବ ଗୋଟିଏ ବୃହତ୍ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ପାଇଁ ଘୋର୍ ଅସୁବିଧା ଦେଖାଦେଉଥିବା ବେଳେ ପଥଚାରୀମାନେ ମଧ୍ୟ ବେଳେବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ କେନାଲ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ କରାଯାଇଛି। ନିର୍ମାଣ କାର୍ଯ୍ୟ ଅଳ୍ପ କେତେଦିନ ପରେ ଉଦରାଗଡ଼ିଆ ସ୍କୁଲ ନିକଟସ୍ଥ ହନୁମାନ ମନ୍ଦିରଠାରୁ ମାତ୍ର କେଇ ହାତ ଦୂରରେ ଏହି ଖଣାଗାଡ଼ ଦେଖିବାକୁ ମିଳିଛି। ପ୍ରଥମେ ରାସ୍ତା ଦବି ଯିବାରୁ ଏଠାରେ ଛୋଟ ଗର୍ତ୍ତ ଦେଖାଦେଇଥିଲା। ପରେ ଏହା ବୃହତ୍ ଖଣାଗାଡ଼ରେ ପରିଣତ ହୋଇଛି। ଏହି ରାସ୍ତା ଦେଇ ଗୋବିନ୍ଦଗାଡ଼ିଆ, ରାଣୀଗଡ଼ିଆ, ନୂଆ, ବେଲଗଡ଼ିଆ, ଖରିଗଡ଼ିଆ ପ୍ରମୁଖ ଗାଁର ଶହଶହ ଲୋକ ଯାତାୟାତ କରିଥାନ୍ତି। ରାତି ପାହିଲେ ଅନେକ ସାଇକଲ ଓ ମୋଟର ସାଇକଲ ଯୋଗେ ଲୋକମାନେ ଚଳପ୍ରଚଳ କରୁଛନ୍ତି। ଏହାଛଡ଼ା ଆଖପାଖ ଅଞ୍ଚଳର ସ୍କୁଲ ପିଲାମାନଙ୍କ ଗମନାଗମନର ଏହା ପ୍ରମୁଖ ପଥ ଅଟେ। ଗର୍ତ୍ତ ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଗର୍ତ୍ତ ପାଇଁ କେତେବେଳେ ବଡ଼ ଦୁର୍ଘଟଣା ଘଟି ଜୀବନ ହାନୀ ହୋଇପାରେ। ତେଣୁ ବେଳ ହୁଁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପାଇପ୍ ଫାଟି ବୋହୁଛି ପାଣି; କାହାରି ନିଘା ନାହିଁ

**ଅସୁରାଳି, ୧୨।୨(ସମିସ):** ପାଳସାହି ପଞ୍ଚାୟତ ଗଡ଼ଗଡ଼ି, ତଳ ସାହୁ ସାହି ଓ ଉପର ସାହୁ ସାହି ଗ୍ରାମର ପ୍ରାୟ ୩୦୦ରୁ ଅଧିକ ପରିବାର ପିଛିଲା ୪ମାସ ଧରି ଜଳ ସଙ୍କଟରେ ଜୀବନଯାପନ କରୁଛନ୍ତି। ପିଇବା ପାଣି ପାଇଁ ଲୋକମାନେ ପ୍ୟାକେଟ୍ ପାଣିରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି। ଟାଙ୍କିର ଉପରେ ଢାଙ୍କୁଣି ନ ଥିବାରୁ ପାରାମାନେ ଭିତରକୁ ପଡ଼ି ପଚି ଜଳକୁ ଦୂଷିତ କରୁଛି। ବହୁ ସ୍ଥାନରେ ପାଇପ୍ ଫାଟିଯାଇଥିବାରୁ ନିର୍ଦ୍ଦିଷ୍ଟ ସ୍ଥାନରେ ପାଣି ପହଞ୍ଚୁନାହିଁ। ପାଣି ଲହଡ଼ି ମାରି କାଦୁଅ ସୃଷ୍ଟି କରି ଗ୍ରାମବାସୀଙ୍କ ଦୈନିକ ଜୀବନକୁ ଅସୁବିଧାରେ ପକାଉଛି। 'ବସୁଧା' ଯୋଜନାରେ ନିର୍ମିତ ଜଳ ଯୋଗାଣରେ ଅବ୍ୟବସ୍ଥା ଓ ଅବହେଳାରେ ଏହି ସଙ୍କଟ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

୪ମାସ ହେଲା ପାଣି ପାଇଁ ଦିନକୁ ଦିନ ଯୁଦ୍ଧ କରୁଛୁ। ପ୍ୟାକେଟ ପାଣି ବିନା ଆମେ ବଞ୍ଚିପାରୁନାହୁଁ ବୋଲି ଗଡ଼ଗଡ଼ି ଗ୍ରାମର ଜଣେ ବୃଦ୍ଧ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ,



ଟାଙ୍କିରେ ଢାଙ୍କୁଣି ଲଗାଇବା, ଫାଟିଥିବା ପାଇପ୍ ମରାମତି, ନିୟମିତ ଭାବେ ପାଣିର ଗୁଣତା ଯାଞ୍ଚ କରିବା ପାଇଁ ଦାବି ହେଉଛି ଓ ପ୍ରଶାସନିକ ନିରୀକ୍ଷଣ ବୃଦ୍ଧି ପାଇଁ ମଧ୍ୟ ମତ ପ୍ରକାଶ ପାଉଛି। ପାଳସାହି ପଞ୍ଚାୟତର ଏହି ଜଳ ସଙ୍କଟ କେବଳ ପାଣିର ଅଭାବ ନୁହେଁ, ଏହା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଦୈନିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରୁଛି। ପ୍ରଶାସନ ତ୍ୱରିତ ପଦକ୍ଷେପ ନେଇ ଏହି ଜଳ ସଙ୍କଟରୁ ମୁକ୍ତି ଦେବା ପାଇଁ ଦାବି ହେଉଛି।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ; ୪ ଅଟକ

**ବନ୍ତ/ଆଗରପଡ଼ା, ୧୨।୨(ସମିସ):** ଘରଲୋକ ଅପେରା ଦେଖୁଥିବାବେଳେ ଘରେ ପଶି ଦୁର୍ବୃତ୍ତମାନେ କଳାକନା ବୁଲାଇଲେ। ଏହିପରି ଅଘଟଣ ଘଟିଛି ଆଗରପଡ଼ା ଥାନା ଅନ୍ତର୍ଗତ ଆଡ଼ିଆ ଗ୍ରାମରେ। ମଙ୍ଗଳବାର ଗାଁରେ ଅପେରା ହେଉଥିବାବେଳେ ନିରଞ୍ଜନ ମଲ୍ଲିକଙ୍କ ପରିବାର ଘରେ ଚାବି ପକାଇ ଦେଖିବାକୁ ଯାଇଥିଲେ। ତାଙ୍କ ପୁଅ ଆଶୁତୋଷ କୌଣସି କାରଣରୁ ବିଳମ୍ବିତ ରାତିରେ ଘରକୁ ଆସିଥିଲେ। ସେ ଘରଦ୍ୱାର ଖୋଲା ପଡ଼ିଥିବାର ଦେଖି ଭିତରକୁ ଯିବାରୁ ତାଙ୍କୁ ଦେଖି ୨ଜଣ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ଅନ୍ୟ ଜଣଙ୍କୁ ଆଶୁତୋଷ କାବୁ କରିବାକୁ ଚେଷ୍ଟା କରୁଥିବାବେଳେ ଦୁର୍ବୃତ୍ତ ଜଣକ ହାତରେ ଧରିଥିବା ଏକ ସ୍କ୍ରୁ ଡାଇଭରରେ ତାଙ୍କ ବେକକୁ ଭୁସି ଦେଇଥିଲା। ଏହାକୁ ଭ୍ରୁକ୍ଷେପ ନ କରି ଆଶୁତୋଷ ଦୁର୍ବୃତ୍ତକୁ ଜାବୁଡ଼ି ଧରି ଲୋକଙ୍କୁ ଡାକିଥିଲେ। ଲୋକମାନେ ଆସି ତାକୁ ଧରି ଥାନା ଜିମା ଦେଇଥିଲେ। ନିରଞ୍ଜନଙ୍କ ଘରୁ ଆଲମାରି ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ଏଥିରେ ଥିବା ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଚୋରି ହୋଇଥିବାର ଜଣାପଡ଼ିଛି। ଧାମନଗର ଥାନା ଅନ୍ତର୍ଗତ ଚିଲପଦୀ ଗ୍ରାମରେ ତାଙ୍କ ଘର ବୋଲି ଦୁର୍ବୃତ୍ତ ପୁଲିସ ଆଗରେ କହିଛି। ଏ ସମ୍ପର୍କରେ ଥାନା କେସ୍ ନଂ ୩୧/୨୬ରେ ମାମଲା ରୁଜୁ କରି ନୂତନ ଥାନାଧିକାରୀ ରାଜେଶ ସେଠୀ ଅଧିକ ତଦନ୍ତ ଜାରି ରଖିଛନ୍ତି।


**THE BISRA STONE LIME COMPANY LIMITED**
CIN: L14100OR1910GO1033904
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF FINANCIAL RESULTS FOR THE NINE MONTH ENDED 31ST DECEMBER'2025**

(Rs.in Lakhs)

| Sl. No. | Particulars | Nine Month Ended | | Year Ended |
|---|---|---|---|---|
| | | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 6,740.37 | 4,792.72 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 1,063.96 | 691.11 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 1,063.96 | 691.11 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 697.62 | 453.75 | 438.51 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 697.62 | 453.75 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,482.66) | (21,219.49) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.80 | 0.52 | 0.50 |
| | (ii) Diluted | 0.80 | 0.52 | 0.50 |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 12th February' 2026

# ୧୯ରୁ ମାଟ୍ରିକ ପରୀକ୍ଷା; ହବ୍‌ରେ ପହଞ୍ଚିଲା ପ୍ରଶ୍ନପତ୍ର

■ ପରୀକ୍ଷା ଦେବେ ୩୨ ହଜାର ୫୮୪ ଛାତ୍ରଛାତ୍ରୀ
■ ୨୧ଟି ନୋଡାଲ ସେଣ୍ଟରରେ ରହିବ ପ୍ରଶ୍ନପତ୍ର
■ ଜିପିଏସ୍ ଜରିଆରେ ପ୍ରଶ୍ନପତ୍ର ଗାଡ଼ି ଉପରେ ରହିବ ନଜର

ବାରିପଦା,୧୨।୨(ସମିସ): ଆସନ୍ତା ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ସହ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ମୋଟ ୬୨୭ଟି ହାଇସ୍କୁଲର ୩୨ହଜାର ୫୮୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ତନ୍ମଧ୍ୟରୁ ୩୧ହଜାର ୮୦୬ଜଣ ମ୍ୟାଟ୍ରିକ ପରୀକ୍ଷାର୍ଥୀ ଥିବା ବେଳେ ୩୦୯ଜଣ ମଧ୍ୟମା ଓ ୪୬୯ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର୍ଥୀ ରହିଛନ୍ତି।" ପରିଚାଳନା ପାଇଁ ସାରା ଜିଲ୍ଲାରେ ୧୮୪ଟି ପରୀକ୍ଷା କେନ୍ଦ୍ର ସହ ୨୧ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି। ପ୍ରଶ୍ନପତ୍ର ବୋର୍ଡ କାର୍ଯ୍ୟାଳୟରୁ ଗୁରୁବାର ନୋଡାଲ କେନ୍ଦ୍ରରେ ପହଞ୍ଚିଛି। ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ଗୋପନୀୟ ସାମଗ୍ରୀ ନେଇ ଆସିଥିବା ଗାଡ଼ିଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା ରହିଥିଲା। ନୋଡାଲ କେନ୍ଦ୍ରରେ କଡା ସୁରକ୍ଷା ଭିତରେ ରଖାଯାଇଛି। ଏଆଇ ସିସି କ୍ୟାମେରା ସହିତ ପୁଲିସ ମୁତୟନ ପୂର୍ବକ ତାହା କଡ଼ା ନଜର ରଖାଯାଇଛି। ପରୀକ୍ଷା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖରେ ସରିବ। ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। କେବଳ ଶେଷଦିନ ଗଣିତ ପରୀକ୍ଷା ଅଧିକ ୧୫ ମିନିଟ ରହିଥିବାରୁ ୧୧ଟା ୪୫ମିନିଟରେ ସରିବ। ୪୯ଟି ଡେସପାର୍ଚ୍ଚ ଟିମ ନୋଡାଲ କେନ୍ଦ୍ରରୁ କଡା ସୁରକ୍ଷାରେ ପ୍ରଶ୍ନ ପତ୍ର ନେଇ ପରୀକ୍ଷା କେନ୍ଦ୍ର ମାନଙ୍କରେ ପହଞ୍ଚାଇବେ। ପରୀକ୍ଷା ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡ଼ିକର ୧୦୦ମିଟର ପରିଧି ମଧ୍ୟରେ ଅଯଥା ଭିଡ଼ ରୋକିବାକୁ କଟକଣା ଜାରି ହେବ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ତଦାରଖ କରାଯିବ। ପରୀକ୍ଷାକୁ ସ୍ୱଚ୍ଛ କରିବା ସହ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ବୋର୍ଡ ପକ୍ଷରୁ ଅଭିନବ ପଦକ୍ଷେପ ନିଆଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ହାଇ-ଡେଫିନେସନ୍ ସିସି କ୍ୟାମେରା ଲଗାଯିବା ସହ ପ୍ରଶ୍ନପତ୍ରରେ ସ୍?ତନ୍ତ୍ର ୱାଟର୍‌ମାର୍କ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସମୟରେ କୌଣସି ଶିକ୍ଷକ କିମ୍ବା ପରୀକ୍ଷାର୍ଥୀ କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ। ଯଦି କୌଣସି ପରୀକ୍ଷାର୍ଥୀ ଜରୁରୀ ପରିସ୍ଥିତିରେ ୫ମିନିଟ୍ ବିଳମ୍ବରେ ପହଞ୍ଚନ୍ତି, ତଥାପି ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ। ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ଭଉଁରା ବାବା ଜଳେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ



କରଞ୍ଜିଆ,୧୨।୨(ସମିସ): କରଞ୍ଜିଆ ବ୍ଲକର ଭଉଁରା ଅଞ୍ଚଳସ୍ଥ ପ୍ରସିଦ୍ଧ ବାବା ଜଳେଶ୍ୱର ମନ୍ଦିର ପରିସରରେ ଆସନ୍ତାକାଲିଠୁ୧୪ ତାରିଖ ପର୍ଯ୍ୟନ୍ତ ଭବ୍ୟ ଭାବେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଶିବ ମହାଯଜ୍ଞ ଆୟୋଜିତ ହେବାକୁ ଯାଉଛି। ଏହି ପବିତ୍ର ଅବସରରେ ପ୍ରତିଦିନ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ, ଯଜ୍ଞ, ହୋମ, ପୂଜା-ଅର୍ଚ୍ଚନା, କଳସ ଯାତ୍ରା, ଅଖଣ୍ଡ ହରିନାମ ସଂକୀର୍ତ୍ତନ ଓ ଶିବଲିଙ୍ଗ ଅଭିଷେକ ସହିତ ଭକ୍ତିମୟ ଆନୁଷ୍ଠାନ ଆୟୋଜିତ ହେବ। ୧୧ ତାରିଖରେ କଳସ ଯାତ୍ରା, ମଙ୍ଗଳାଚରଣ ଓ ଅଧିବାସ କାର୍ଯ୍ୟ ସହିତ ଉତ୍ସବର ଶୁଭାରମ୍ଭ ହେବ। ୧୨ ଓ ୧୩ ତାରିଖ ଦିନ ଯଜ୍ଞ, ହୋମ, ଶିବ ପୂଜା, ଅଖଣ୍ଡ ହରିନାମ ସହ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଚାଲିବ। ୧୪ ତାରିଖ ଦିନ ପୂର୍ଣ୍ଣାହୁତି, ମହାପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉତ୍ସବର ସମାପନ ହେବ। ୧୫ ତାରିଖ ଦିନ ମହାଶିବରାତ୍ରି ଶ୍ରଦ୍ଧାଳୁ ପାଳନ କରିବେ। ଏହି ଅବସରରେ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଭଜନ ସନ୍ଧ୍ୟା, ଭକ୍ତିଗୀତ ଯାହା ପ୍ରଦର୍ଶନ କରିବାକୁ ଆସିବେ "ମା ଭବାନୀ ଦେବୀ ଦୃଷ୍ଟିହୀନ ଭୋଜନ ସନ୍ଧ୍ୟା ଓ ଆଶୁତୋଷ ଭୋଜନ ସନ୍ଧ୍ୟା, କଟକ, ମୟୂରଭଞ୍ଜର ଖ୍ୟାତନାମା ପାଲାଗାୟକ ସତୀଶ କୁମାର ବାରିକ ପାଲା ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗ୍ରାମବାସୀ, ଯୁବକ ସଂଘ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜୋର ସୋର ପ୍ରସ୍ତୁତି ଚାଲିଛି।

## ଅଗ୍ନି ନିବାରଣ ତାଲିମ ଓ ନମୁନା ପ୍ରଦର୍ଶନ

ମହୁଲଡିହା,୧୨।୨(ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳରେ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଦିନିକିଆ ଅଗ୍ନି ନିବାରଣ ତାଲିମ ଓ ନମୁନା ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀ କର୍ମଚାରୀ ଯୋଗଦେଇ ବନ କର୍ମଚାରୀ ଓ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ କରିଥିଲେ।



ଶ୍ରେଣୀଗୃହ ତାଲିମ କାର୍ଯ୍ୟକ୍ରମ ପରେ ତାଳପଦା ଜଙ୍ଗଲରେ ନିଆଁକୁ ଆୟତ୍ତ କରିବାର ବିଭିନ୍ନ କୌଶଳ ନମୁନା ପ୍ରଦର୍ଶନ କରିଥିଲେ ଅଗ୍ନିଶମ କର୍ମଚାରୀ। ଏଥିରେ ବନ କର୍ମଚାରୀ ସମେତ ବନ ସୁରକ୍ଷା ସମିତି ସଦସ୍ୟ,ଏସଏଚଜି ସଦସ୍ୟା ଅଂଶଗ୍ରହଣ କରି ନିଆଁ ଲିଭାଇବା କୌଶଳ ସମ୍ପର୍କରେ ଅବଗତ ହୋଇଥିଲେ।ଦୈବୀ ଦୁର୍ବିପାକକୁ ମୁକାବିଲା କରିବା ଏବଂ ସର୍ବଦା ଲୋକଙ୍କ ଜୀବନ ରକ୍ଷା ଦିଗରେ ନିସ୍?ାର୍ଥପର ସେବା ଯୋଗାଇ ଆସୁଥିବା ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ଯୋଗଦାନ କାରଣରୁ ୬ ଜଣ କର୍ମଚାରୀଙ୍କୁ ବନ ବିଭାଗ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବନ ବିଭାଗ ଦ୍ୱାରା ସମ୍ବର୍ଦ୍ଧନା ପରେ ହାବିଲଦାର ସୂର୍ଯ୍ୟାନନ୍ଦ ଟୁଡୁ କହିଲେ ଯେ ଜରୁରୀ ସେବା ଯୋଗାଇବା ଆମର କର୍ତ୍ତବ୍ୟ।କିନ୍ତୁ ଆମର କର୍ତ୍ତବ୍ୟ ସମ୍ପାଦନ କାଳରେ କେହି ସମ୍ମାନିତ କରିନଥିବାବେଳେ ବନ ବିଭାଗର ସମ୍ମାନ ଆମକୁ ଅଧିକ ଉତ୍ସାହିତ କରିବା ସହ ପ୍ରେରଣା ଯୋଗାଇବ ବୋଲି କହିଥିଲେ।

## ଶ୍ରୀ ଗଣେଶ ଗ୍ରୁପର ବୈଠକ

ଆନନ୍ଦପୁର,୧୨।୨(ସମିସ): ଘସିପୁରାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଗଣେଶ ଗ୍ରୁପର ବାର୍ଷିକ ବୈଠକ ହଦଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଙ୍ଗନାଥ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରୁପ ସଂଗଠନର ଉପଦେଷ୍ଟା ରମେଶ ସାହୁ, ସମ୍ପାଦକ ମହେଶ୍ୱର ସାହୁ, ଶିବାନନ୍ଦ ମହାରଣା ପ୍ରମୁଖ ଚଳିତ ବର୍ଷ ହେବାକୁ ଥିବା ବୃକ୍ଷ ରୋପଣ, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସଦସ୍ୟ ସୌମ୍ୟରଞ୍ଜନ ସାହୁ, ତପନ ସାହୁ, ସଦାଶିବ ସାହୁ, ଜିତେନ୍ଦ୍ର ସାହୁ, ଧବଳେଶ୍ୱର ସାହୁ, ଜୟନ୍ତ କୁମାର ସାହୁ, ନରୁ ଦାଶ, ବାମଦେବ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## କୋଲକାତାରେ ଯୁବ ବାସ୍ତୁବିତଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର,୧୨।୨(ସମିସ): ବାସ୍ତୁ ଶାସ୍ତ୍ରରେ ପାରଦର୍ଶିତା ଲାଭ କରି ସମାଜ କଲ୍ୟାଣ କାର୍ଯ୍ୟରେ ସମର୍ପିତ ହୋଇଥିବା ଯୁବ ବାସ୍ତୁବିତ୍ ନିରଞ୍ଜନ ପାଣିଙ୍କୁ ଆଇଆଇସିଏଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କୋଲକାତା ଶରତ ସଦନଠାରେ ଆୟୋଜିତ ଅନ୍ତର୍ଜାତୀୟ ସାରସ୍ୱତ ସମାବେଶରେ ଶ୍ରୀ ପାଣିଙ୍କୁ ମାନପତ୍ର, ଉତ୍ତରୀୟ ସହିତ ଅନରାରୀ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସାଂସ୍କୃତିକ ସଂଯୋଜକ ଡ ଉପେନ୍ଦ୍ର କୁମାର ଶର୍ମାଙ୍କ ସଂଯୋଜନାରେ ମିସେସ ଇଣ୍ଡିଆ ପ୍ରତୀଚୀ ପୁଣ୍ଡେ, ପ୍ରତିଷ୍ଠାତା ଡ. ଅର୍ପିତା ଚାଟାର୍ଜୀ, ଆଇନଜୀବୀ ଗୋପେଶ୍ୱର ମୁଖାର୍ଜୀ କଲ୍ୟାଣକାନ୍ତ ମଜୁମଦାର ଯୋଗଦେଇ ଥିଲେ। ଶ୍ରୀ ପାଣିଙ୍କୁ ଏପରି ସମ୍ମାନ ମିଳିଥିବାରୁ ଆନନ୍ଦପୁର ଅଞ୍ଚଳରୁ ଅନେକ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶ୍ରୀ ପାଣି ସାମ୍ବାଦିକ ଗଦାଧର ପାଣିଙ୍କ ପୁତ୍ର।

## କାଠ ବୋଝେଇ ମିନି ଟ୍ରକ୍ ଜବତ

ତୁରୁମୁଙ୍ଗା,୧୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଭରାଣ୍ଡିଆ ଗାଁ ମୁଣ୍ଡରୁ ଗୁରୁବାର ସନ୍ଧ୍ୟାରେ ଏକ କାଠ ବୋଝେଇ ୪୦୭ ଗାଡ଼ି (ମିନିଟ୍ରକ୍)କୁ ବନ ବିଭାଗ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି। ଚୋରା କାଠ ଚାଲାଣ ହେଉଥିବା ସମୟରେ ବନ ବିଭାଗ ଖବର ପାଇ ଚଢ଼ଉ କରିଥିଲା। ଚଢ଼ଉବେଳେ କାଠ ଭର୍ତ୍ତି ଏହି ଗାଡ଼ିକୁ ଜବତ କରିଥିଲା। ଗାଡ଼ି ଭିତରୁ ୩୦ଟି ଆକାଶିଆ ଗଣ୍ଡିକୁ ବନ ବିଭାଗ ଜବତ କରିଥିବା ବେଳେ ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢ଼ଉ ଦେଖି ଟ୍ରକ ଡ୍ରାଇଭର ସହ ମାଫିଆ ଫେରାର ହୋଇଯାଇଛନ୍ତି। ଚଢ଼ଉରେ ପାଟଣା ବନ ପାଳ ନିରଞ୍ଜନ ସେଠୀ, ବନରକ୍ଷୀ ହୃଦାନନ୍ଦ ମହାନ୍ତିଙ୍କ ସମେତ ପାରା ଷ୍ଟାଫ ସାମିଲ ଥିଲେ।



## ଜଳିଗଲା ଶହଶହ କାଜୁ ଗଛ

ତୁରୁମୁଙ୍ଗା,୧୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଲୁଙ୍ଗା ଗ୍ରାମର କାଜୁ ଜଙ୍ଗଲରେ ନିଆଁ ଲାଗି ଶହ ଶହ କାଜୁ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଜଙ୍ଗଲରେ ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ନିଆଁକୁ ଆୟତ୍ତ କରିବା ପାଇଁ ବନ କର୍ମଚାରୀଙ୍କ ସହ ଅଗ୍ନିଶମ ବାହିନୀ ଉଦ୍ୟମ ଜାରି ରଖିଛନ୍ତି।

## ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ପ୍ରତିନିଧି ଦଳ



ବଡ଼ସାହି,୧୨।୨(ସମିସ): ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଷ୍ଟ୍ରୀୟ ଗୁଣସ୍ତର ନିଶ୍ଚିତକରଣ ମାନଦଣ୍ଡ ସମୀକ୍ଷା ଦଳ ଆସି ପରିଭ୍ରମଣ କରି ଫେରିଛନ୍ତି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କ୍ରିଷ୍ଣା ପ୍ରସାଦ ଲୀଳା (ଆନ୍ଧ୍ରପ୍ରଦେଶ) ଓ ଡ. ଅଜୟ ସିଂ (ଉତ୍ତରପ୍ରଦେଶ) ନ୍ୟାସନାଲ ଆସେସର ତଥା ଅଜିତ କୁଅଁର (ଆସିଷ୍ଟାଣ୍ଟ ମ୍ୟାନେଜର କ୍ୱାଲିଟି) ଆସିଥିବାର ଜଣାଯାଇଛି। ସେମାନଙ୍କୁ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା ସମ୍ବିତ ଦାସ ଓ ଡା ଆହୁତି ଦାସ ଭବ୍ୟ ସ୍ୱାଗତ କରିଥିଲେ। ଏଥିରେ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ସମସ୍ତ କର୍ମଚାରୀ ଓ ଆଶା ଦିଦି ଉପସ୍ଥିତ ଥିଲେ। ଜାତୀୟ ସ୍ତରରେ ଏହି ଦଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ସମୀକ୍ଷା କରିଥିଲେ। ଏଥିରେ ନିରାମୟ ଯୋଜନାରେ ବିଭିନ୍ନ ଔଷଧର ଉପଲବ୍ଧତା, ମାନଦାଣ୍ଡ ହିସାବରେ ପରୀକ୍ଷା ଗାରରେ କରାଯାଉଥିବା ବିଭିନ୍ନ ପରୀକ୍ଷା, ଟୀକା କରଣର ସୁବିଧା, ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯକ୍ଷ୍ମା, କୁଷ୍ଠ, ମ୍ୟାଲେରିଆ ଆଦି କାର୍ଯ୍ୟକ୍ରମର, ଜନଆରୋଗ୍ୟ ସମିତି ଓ ବିଭିନ୍ନ ରେକର୍ଡର ଯାଞ୍ଚ କରିଥିଲେ। ବିଭିନ୍ନ ଆବଶ୍ୟକ ପରାମର୍ଶ ଆଦି ଦେଇଥିଲେ। ଦୁଇଦିନ ଧରି ଚାଲିଥିବା ସମୀକ୍ଷାରେ ସମୀକ୍ଷା ଦଳ ସନ୍ତୋଷ ପ୍ରକାଶ କରିବା ସହିତ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟସେବାର ସମସ୍ତ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରତି ଆନ୍ତରିକତାକୁ ପ୍ରଶଂସା କରିଥିଲେ। ଶେଷରେ ସ୍ୱାସ୍ଥ୍ୟସେବା ରେ ନିଜର ସମର୍ପିତ ଭାବନା ସହିତ ଯୋଡି ଥିବା ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ସମୀକ୍ଷା ବୈଠକ ଉଦଯାପନ କରାଯାଇଥିଲା। ଏଭଳି ଜାତୀୟ ସମୀକ୍ଷା ଦଳ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ଥର ସମସ୍ତ ନଥିପତ୍ର ଏବଂ ସ୍ୱାସ୍ଥ୍ୟସେବାକୁ ତଦାରଖ କରି ନିଜର ସକରାତ୍ମକ ମତାମତ ଦେବା ଅନ୍ୟ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ନିଶ୍ଚିତ ଭାବରେ ଉଦାହରଣ ବୋଲି ବହୁ ସ୍ଥାନୀୟ ତଥା ବରିଷ୍ଠ ବ୍ୟକ୍ତି ମତାମତ ରଖିଥିଲେ। ଏହା ନିଶ୍ଚିତ ଭାବରେ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କୁ ଅନୁପ୍ରାଣିତ କରିବ ବୋଲି ଆଶା କରାଯାଏ।

## ପୂର୍ବତନ ସମିତି ସଭ୍ୟଙ୍କ ପରଲୋକ



ରାସଗୋବିନ୍ଦପୁର,୧୨।୨(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଦେବଶୋଳ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ହେମନ୍ତ ରାଉଳଙ୍କ(୫୧) ପରଲୋକ ଘଟିଛି। ଆଜି ଭୋର ୫ଟା ସମୟରେ ଅସୁସ୍ଥ ହେବାରୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରୁଥିଲେ। ପରେ ପୁନର୍ବାର ଶରୀର ଅସୁସ୍ଥ ହେବାରୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। କେନ୍ଦ୍ରର ଡାକ୍ତର ପ୍ରାଥମିକ ଚିକିତ୍ସା ସାରି ଉନ୍ନତ ଚିକିତ୍ସା ପାଇଁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଯିବା ସମୟରେ ନିଚୁଆପଦାଠାରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କର ଆକସ୍ମିତ ମୃତ୍ୟୁ ଖବର ରାସଗୋବିନ୍ଦପୁର, ଦେବଶୋଳ ପ୍ରସାର ହେବା ଫଳରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭଲିବଲ ଟୁର୍ଣ୍ଣାମେଣ୍ଟ: ମିରୀଗିମୁଣ୍ଡି ଚାମ୍ପିଅନ, ପୁଷ୍କରା ରନର୍ସ ଅପ୍



ତୁରୁମୁଙ୍ଗା,୧୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଟାଙ୍ଗାରପଡ଼ା ଭଲିବଲ ସଂଘ ତରଫରୁ ବୁଧବାର ରାତି ଟାଙ୍ଗାରପଡ଼ା ଭଲିବଲ ପଡ଼ିଆରେ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ମିରିଗୀମୁଣ୍ଡି ସହ ପୁଷ୍କରା ଟିମ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ୨ଟି ଯାକ ସେଟ୍ ମିରିଗିମୁଣ୍ଡି ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିବା ବେଳେ ପୁଷ୍କରା ରନର୍ସ ଅପ ହୋଇଥଲା। ରେଫରି ଭାବେ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଓ ଗୋପାଳ କୃଷ୍ଣ ସାହୁ ଖେଳ ପରିଚାଳନା କରିଥିଲା। ଖେଳ ର ଧାରା ବିବରଣୀ କୁ ଶିକ୍ଷକ ପାର୍ଥ ସାରଥୀ ବେଜ ଓ ଇଂରାଜୀ ପ୍ରଧାପକ ଅଶ୍ୱିନୀ କୁମାର ସାହୁ ପ୍ରଦାନ କରିଥିଲେ।

ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳା କାନ୍ତ ଦାଶ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, ସ୍ଥାନୀୟ ସରପଞ୍ଚ ଅନିରୁଦ୍ଧ ନାୟକ, ସମିତି ସଭ୍ୟ ଭାଗବତ ନାଏକ ସାମାଜିକ କର୍ମୀ ଡ଼ାକ୍ତର ସାରଙ୍ଗ ଧର ପୃଷ୍ଟି, ଦୀପକ ମଣ୍ଡଳ, ପ୍ରମୁଖ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ମନ୍ତ୍ରୀ ଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ଆନିଧ କୁମାର ବେହେରା ଯୋଗ ଦେଇ ଚାମ୍ପିଅନ ମୀରିଗି ମୁଣ୍ଡି ଦଳ ର କ୍ୟାପଟେନ ଙ୍କୁ ୧୦ହଜାର ଟଙ୍କା , ଟ୍ରଫି ଓ ରନର୍ସ ଅଫ ପୁଷ୍କରା ଦଳର କ୍ୟାପଟେନଙ୍କୁ ୫ହଜାର ଟଙ୍କା ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜକ ଟାଙ୍ଗାର ପଡ଼ା ଭଲି ବଲ ଆସୋ ସିଏସନ୍ କମିଟି ର ଉଦ୍ୟକ୍ତା ନବକିଶୋର ପୃଷ୍ଟି, ଶୁଶାନ୍ତ କୁମାର ସାହୁ, ରବିନାରାୟଣ ସାହୁ, ତପନ କୁମାର ପୃଷ୍ଟି ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଆଇଟିଇପି କୋର୍ସ ଆରମ୍ଭ ପାଇଁ ପ୍ରସ୍ତାବ

ବାରିପଦା,୧୨।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁରରେ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ (ଆଇଟିଇପି) ଆରମ୍ଭ କରିବାକୁ ନେଇ ବିଶ୍ୱବିଦ୍ୟାଳୟକର୍ତ୍ତୃପକ୍ଷଙ୍କୁ ଏକ ପ୍ରସ୍ତାବ ପ୍ରେରଣ କରାଯାଇଛି। ଏହି ପ୍ରସ୍ତାବଟି ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଅନ୍ତରୀଣ ଗୁଣବତ୍ତା ସେଲ୍ ର ପୂର୍ବତନ ସଦସ୍ୟ ଅଭିଷେକ ପଣ୍ଡାଙ୍କ ପକ୍ଷରୁ ଇ-ମେଲ୍ ମାଧ୍ୟମରେ କୁଳପତି, କୁଳ ସଚିବ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଓ ଉକ୍ତ ବିଭାଗ ମୁଖ୍ୟଙ୍କୁ ପ୍ରେରଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଜନଜାତି ପ୍ରାଧାନ୍ୟ ଅଞ୍ଚଳ ହୋଇଥିବା ସହ ଓଡିଶାର ସର୍ବବୃହତ୍ ଜିଲ୍ଲା। ଏଠାର ଅନେକ ମେଧାବୀ ଜନଜାତି ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷାରେ ଉଚ୍ଚ ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛୁକ ଥିଲେ ମଧ୍ୟ, ବିଶ୍ୱବିଦ୍ୟାଳୟରେ ଆଇଟିଇପି କୋର୍ସ ନଥିବାରୁ ସେମାନେ ଘର ଛାଡି ଅନ୍ୟତ୍ର ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ଅଧିକ ଆର୍ଥିକ ଭାର ର ସମ୍ମୁଖୀନ ହେବାକୁ ପଡିବ ସହ ନାନା ପ୍ରକାର ସାମାଜିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଆଇଟିଇପି ପାଠ୍ୟକ୍ରମର ଗୁରୁତ୍ୱ ବଢ଼ିବା ସହ ରାଜ୍ୟର କେତେକ ଅନୁଷ୍ଠାନ ଏହି କୋର୍ସ ଆରମ୍ଭ କରିଛନ୍ତି। ପୂର୍ବରୁ ମାତ୍ର ଦୁଇଟି ଅନୁଷ୍ଠାନ ଏହି ପାଠ୍ୟକ୍ରମ ଚାଲୁ କରିଥିବା ବେଳେ, ଚଳିତ ବର୍ଷ ଆହୁରି ୯ଟି ଅନୁଷ୍ଠାନ କୁ ଏନସିଟିଇ ଅନୁମୋଦନ ମିଳିଛି। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ସମଗ୍ର ଶିକ୍ଷା ଉନ୍ନତିକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟରେ ଉକ୍ତ ପାଠ୍ୟକ୍ରମ ଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ପଣ୍ଡା ଅନୁରୋଧ କରିଛନ୍ତି।

## ଶ୍ରୀହନୁମାନଙ୍କ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା

ହାଟଡ଼ିହୀ/ଆନନ୍ଦପୁର,୧୨।୨(ସମିସ): ଆନନ୍ଦପୁର ଉପଖଣ୍ଡ ବଞ୍ଚୋ ଗ୍ରାମରେ ଶ୍ରୀରାମ କମିଟି ପକ୍ଷରୁ ଶ୍ରୀହନୁମାନଙ୍କ ଭବ୍ୟ ବାର୍ଷିକ ଉତ୍ସବ ସହ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜାର୍ଚ୍ଚନା ଓ ମହାପ୍ରସାଦ ବିତରଣ ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନେକ ଶ୍ରଦ୍ଧାଳୁ ଓ ଅତିଥିମାନେ ଯୋଗ ଦେଇଥିଲେ।



ଏହି ଅବସରରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଯୁବପିଢ଼ିଙ୍କୁ ସଂସ୍କୃତି ଓ ଶିକ୍ଷାରେ ଆଗୁଆ କରିବାକୁ ପ୍ରେରଣା ଦେଇଥିଲେ। ବିଶେଷ ଅତିଥି ଡା. ଜୟନ୍ତ କୁମାର ଦାଶ ସମାଜସେବା ଓ ଶିକ୍ଷାର ଗୁରୁତ୍ୱ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଏବଂ ଚଣ୍ଡିଆ ବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ଉଦୟନାଥ କର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ ସୁଧାଂଶୁ ରାଉତ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀ, ଯୁବଗୋଷ୍ଠୀ ଓ ଶ୍ରୀରାମ କମିଟିର ସଦସ୍ୟ ମାର୍କଣ୍ଡ ଓଝା, ପ୍ରଦୀପ ବିଶ୍ୱାଳ, ଜ୍ୟୋତିରଞ୍ଜନ ବରାଳ, ବିଶ୍ୱଜିତ ବରାଳ, ବନମାଳୀ ପଟ୍ଟନାୟକ, ସୁନୀଲ ନାୟକ, ବିନୋଦ ବରାଳ, ସଞ୍ଜିତ ନାୟକ, ବିଶ୍ୱନାଥ ବରାଳ ଏବଂ ସକ୍ରିୟ ସଦସ୍ୟ ସହଯୋଗ କରିଥିଲେ।

## କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱର ବିଜୟୀ

ଆନନ୍ଦପୁର,୧୨।୨(ସମିସ): ଆନନ୍ଦପୁର କ୍ରୀଡ଼ାସଂସଦ ଆନୁକୂଲ୍ୟରେ ଷ୍ଟାଡିୟମ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ମୟୂରଭଞ୍ଜ ଫୁଟବଲ କ୍ଲବ୍‌କୁ ଟାଇବ୍ରେକରରେ ହରାଇ ଭୁବନେଶ୍ୱର ବିଜୟୀ ହୋଇଛି। ଏଥିସହିତ ସେମିଫାଇନାଲକୁ ଉନ୍ନୀତ ହୋଇଛି।



କ୍ରୀଡ଼ା ସଂସଦର ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ଆନନ୍ଦପୁର ପୁଲିସ ଏସ୍‌ଡିପିଓ କମଳ କୁମାର ପଣ୍ଡା ଓ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ଦେହୁରୀ, ଧନେଶ୍ୱର ସର୍ଦ୍ଦାର, ଚନ୍ଦନ ସାହୁ ପ୍ରମୁଖ ରେଫରୀ ଦାୟିତ୍ୱ ତୁଲାଇ ଥିବାବେଳେ ଚତୁର୍ଥ ରେଫରୀ ଭାବେ ଆୟୁଷକାରୀ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ବିନୋଦ ମିଶ୍ର, ଗଗନ ସିଂ, ଅକ୍ଷୟ କୁମାର ମହାନ୍ତି, ଉମେଶ ସିଂ, ସଦସ୍ୟ ଅଶୋକ କୁମାର ରାଉଳ ନିକୁଞ୍ଜ ବିହାରୀ ମିଶ୍ର, ବସନ୍ତ କୁମାର ସାହୁ, ମନୋରଞ୍ଜନ ସିଂ, ଆଦିକନ୍ଦ ମହାକୁଡ଼, ତପନ ଜେନା, ପ୍ରସନ କୁମାର ମିଶ୍ର, ଅଜୟ ସେଠୀ, ଅନିମେଷ ମିଶ୍ର, ବାଇଧର ସେଠୀଙ୍କ ସମେତ ବହୁ ପୁରାତନ ଖେଳାଳି ସହଯୋଗ କରିଥିଲେ।

## ବାଉଁଶଗଡ଼ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



ଆନନ୍ଦପୁର,୧୨।୨(ସମିସ): ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟ କୁମାର ପୁର୍ତ୍ତି ମୁଖ୍ୟଅତିଥି, ବାଉଁଶଗଡ଼ ସରପଞ୍ଚ ସରସ୍ୱତୀ ସେଠୀ ମୁଖ୍ୟବକ୍ତା, ତ୍ରିଲୋଚନପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଧନୁର୍ଜୟ ମହାନ୍ତି, ବରିଷ୍ଠ ନାଗରିକ ସଦାଶିବ ଦେହୁରୀ, ବିଦ୍ୟାଳୟ କମିଟି ସଭାପତି ଗୋପୀନାଥ ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ସେଠୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ନୀଳମଣ୍ଡ ରାଉତ, ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୀତାରାଣୀ ବେହେରା, ଶିକ୍ଷକ ସୁଧାକର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପଦ୍ମିନୀ ଦାସ, ପ୍ରେମଲତା ନାଏକ, ମାର୍ଟିନ ପ୍ରମୋଦ ପାତ୍ର, କୌଶଲ୍ୟା ନାଏକ, ଦ୍ରୌପଦୀ ନାଏକ, ରୀନା ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ସମୂହ ଗଛକଟା ଘଟଣା

# ୨୪ ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ଶେଷ ସୁଯୋଗ

## ଡିଏଫଓଙ୍କ ସତ୍ୟପାଠ ଅସମ୍ପୂର୍ଣ୍ଣ ଦର୍ଶାଇ ଅସନ୍ତୋଷ ବ୍ୟକ୍ତ

ବାରିପଦା,୧୨।୨(ସମିସ): ସ୍ଥାନୀୟ ପାଲବଣୀଠାରେ ଅନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ ବା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ହୋଇଥିବା ମାମଲାର ଶୁଣାଣି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତେବେ ମୟୂରଭଞ୍ଜ ଜିଲ୍ଲାପାଳ, ରାଜ୍ୟ ମୁଖ୍ୟଶାସନ ସଚିବ ଏଯାଏଁ ସତ୍ୟପାଠ ଦାଖଲ କରି ନଥିବାରୁ ଶେଷ ସୁଯୋଗ ଦେଇଛନ୍ତି ଟ୍ରିବ୍ୟୁନାଲ। ଆସନ୍ତା ୨୪ ତାରିଖ ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶୁଣାଣି ବେଳେ ବାରିପଦା ଡିଏଫଓଙ୍କ ସତ୍ୟପାଠ ଅସମ୍ପୂର୍ଣ୍ଣ ଦର୍ଶାଇ ଟ୍ରିବ୍ୟୁନାଲ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଟ୍ରିବ୍ୟୁନାଲ ଏହି ମାମଲାରେ ସମୁଦାୟ ୬ଟି ପକ୍ଷ ଙ୍କୁ ନୋଟିସ ଜାରି କରିଥିବା ବେଳେ"ଏବେ ଯାଏଁ ୫ ଜଣପକ୍ଷ ଉତ୍ତର ରଖି ନାହାନ୍ତି। ୬ ପକ୍ଷଙ୍କ ମଧ୍ୟରୁ କେବଳ ରାଜ୍ୟ ଜୈବ ବିବିଧତା ବୋର୍ଡ ଏକମାତ୍ର ପକ୍ଷ ଭାବେ ସତ୍ୟପାଠ ଦାଖଲ କରିଛି। ଅପରପକ୍ଷରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଓ ରାଜ୍ୟ ସଡକ ପରିବହନ ବିଭାଗ ହାଜର ହୋଇ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଛନ୍ତି। ସେହିପରି ବସ୍ ଟର୍ମିନାଲ ନିର୍ମାଣ ପାଇଁ କଟାଯାଇଥିବା ଗଛର ଗଣ୍ଡିକୁ ପୋଡ଼ି ନଷ୍ଟ କରୁଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି। ଯାହା ଦ୍ୱାରା ସଠିକ୍ ଭାବେ କେତେ ଗଛ କଟାଯାଇଛି ତାହାକୁ ଲୁଚାଇବାକୁ ଚେଷ୍ଟା କରାଯାଉଛି ବୋଲି ଯୁକ୍ତି ଉପସ୍ଥାପନ କରାଯାଇଛି ବୋଲି ଅଭିଯୋଗକାରୀଙ୍କ ଆଇନଜୀବୀ ଶଙ୍କର ପ୍ରସାଦ ପାଣିଙ୍କ ଠାରୁ ଜଣାପଡିଛି।

ସୂଚନା ମୁତାବକ, ଡିସେମ୍ବର ୧୭ତାରିଖରୁ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ପରିବେଶକୁ କ୍ଷତି ପହଞ୍ଚାଇବାକୁ ଯାଇ ବାରିପଦାର ପାଲବଣି ଠାରେ ପ୍ରସ୍ତାବିତ ଅନ୍ତରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟାକୁ ନେଇ କଂଗ୍ରେସ ଦଳର ଯୁବନେତା ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ କୋଲକାତାସ୍ଥ ଇଷ୍ଟର୍ଣ୍ଣ ଜୋନ ବେଂଚରେ ୨୧୩/ ଇଜେଡ /୨୦୨୫ରେ ମାମଲା ରୁଜୁ ହୋଇଥିଲା। ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗି ଓ ଏକ୍ସପୋର୍ଟ ମେମ୍ବର ଇଶ୍ୱର ସିଂ ମାମଲା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାନୁଆରୀ ୫ତାରିଖରେ ପ୍ରଥମ ଶୁଣାଣି ଥିବା ବେଳେ ସରକାରଙ୍କ ପକ୍ଷରୁ ଆଇନଜୀବୀ ୨୧ଦିନର ସମୟ ମାଗିଥିବାରୁ ଶୁଣାଣି ଘୁଞ୍ଚିଛି। ଏହି ମାମଲାରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସଡକ ପରିବହନ ନିଗମର ମ୍ୟାନେଜିଂ ଡାଇରେକ୍ଟର, ରାଜ୍ୟ ସରକାରଙ୍କ ଜୈବ ବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଜିର ଶୁଣାଣିରେ ଆସନ୍ତା ୨୪ ତାରିଖ ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ଟ୍ରିବୁନାଲ ନିର୍ଦ୍ଦେଶ ଦେଇଛନ୍ତି।

